وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
ବଦର
Weekly
କାଦିଆନ
BADAR
Qadian
Odia

ଅଲ୍ଲାଃତାଲାଙ୍କ ବାଣୀ

ଧର୍ମପରାୟଣତା ଅବଲମ୍ବନ କର

یٰۤاَیُّہَا الَّذِیۡنَ اٰمَنُوا اتَّقُوا اللّٰہَ وَلۡتَنۡظُرۡ نَفۡسٌ مَّا قَدَّمَتۡ لِغَدٍ ۚ وَاتَّقُوا اللّٰہَ ؕ اِنَّ اللّٰہَ خَبِیۡرٌۢ بِمَا تَعۡمَلُوۡنَ ۔ وَلَا تَکُوۡنُوۡا کَالَّذِیۡنَ نَسُوا اللّٰہَ فَاَنۡسٰہُمۡ اَنۡفُسَہُمۡ ؕ اُولٰٓئِکَ ہُمُ الۡفٰسِقُوۡنَ ۔

ଅନୁବାଦ: ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃଙ୍କୁ ଭୟ କର ଏବଂ ପ୍ରତ୍ୟେକଙ୍କ ପକ୍ଷେ ଏହା ବିଧେୟ ଯେ, ସେ ଆଗାମୀ କାଲି ପାଇଁ କ'ଣ ପଠାଉଛି ତାହା ପ୍ରତି ସେ ଦୃଷ୍ଟିଦେଉ ଏବଂ ତୁମେ ସମସ୍ତେ ଅଲ୍ଲାଃଙ୍କୁ ଭୟ କର । ଅଲ୍ଲାଃ ତୁମମାନଙ୍କର କାର୍ଯ୍ୟକଳାପ ସଂକ୍ରାନ୍ତରେ ଭଲ ଭାବରେ ଅବଗତ ଅଛନ୍ତି ଏବଂ ସେହି ଲୋକମାନଙ୍କ ସଦୃଶ ହୁଅ ନାହିଁ ଯେଉଁମାନେ ଅଲ୍ଲାଃଙ୍କୁ ଭୁଲି ଯାଇଛନ୍ତି ତେଣୁ ଅଲ୍ଲାଃ ମଧ୍ୟ ସେମାନଙ୍କୁ ନିଜ କଲ୍ୟାଣ ସମ୍ବନ୍ଧରେ ଭୁଲାଇ ଦେଇଛନ୍ତି, ଏମାନେ ହିଁ ଅମାନ୍ୟକାରୀ ।

(ଅଲ୍ ହଶର୍: 19-20)

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ | **ଖଣ୍ଡ: 11 | ସଂଖ୍ୟା: 32** | 22 ସଫର୍ , 1448 ହି.କ, 06 ଜହୁର 1405 ହି.ଶ, 06 Aug 2026

ଆଁହଜରତ୍ ସ.ଅଙ୍କ ବାଣୀ

କୌଣସି ବ୍ୟକ୍ତିର ପାପ ନିମନ୍ତେ ଏହି ହିଁ ଯେଥେଷ୍ଟ ଯେ, ସେ ନିଜର ଅନ୍ୟ ମୁସଲମାନ ଭାଇକୁ ତୁଚ୍ଛ ବୋଲି ମନେକରୁ ।

عَنْ أَبِي هُرَيْرَةَ قَالَ : قَالَ رَسُولُ اللهِ صَلَّى اللهُ عَلَيْهِ وَسَلَّمَ: " لَا تَحَاسَدُوا، وَلَا تَنَاجَشُوا، وَلَا تَبَاغَضُوا، وَلَا تَدَابَرُوا، وَلَا يَبِعْ بَعْضُكُمْ عَلَى بَيْعِ بَعْضٍ، وَكُونُوا عِبَادَ اللهِ إِخْوَانًا الْمُسْلِمُ أَخُو الْمُسْلِمِ لَا يَظْلِمُهُ، وَلَا يَخْذُلُهُ، وَلَا يَحْقِرُهُ التَّقْوَى هَاهُنَا. وَيُشِيرُ إِلَى صَدْرِهِ ثَلَاثَ مَرَّاتٍ بِحَسْبِ امْرِئٍ مِنَ الشَّرِّ أَنْ يَحْقِرَ أَخَاهُ الْمُسْلِمَ كُلُّ الْمُسْلِمِ عَلَى الْمُسْلِمِ حَرَامٌ دَمُهُ وَمَالُهُ وَعِرْضُهُ".

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, "ହେ ସାହାବାମାନେ ତୁମେମାନେ ପରସ୍ପର ପ୍ରତି ଈର୍ଷା ପ୍ରଦର୍ଶନ କର ନାହିଁ, ପରସ୍ପର ସହିତ କଳହ କର ନାହିଁ, ପରସ୍ପର ପ୍ରତି ବିଦ୍ୱେଷ ପ୍ରଦର୍ଶନ କର ନାହିଁ, ପରସ୍ପର ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କର ନାହିଁ, ତୁମମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣଙ୍କର କ୍ରୟ ବିକ୍ରୟରେ ହସ୍ତକ୍ଷେପ ନକରୁ । ହେ ଅଲ୍ଲାଃଙ୍କ ଭକ୍ତମାନେ ! ତୁମେମାନେ ପରସ୍ପର ମଧ୍ୟରେ ଭାଇ ଭାଇ ହୋଇଯାଅ । ଜଣେ ମୁସଲମାନ ଅନ୍ୟ ମୁସଲମାନ ବ୍ୟକ୍ତିର ଭାଇ ଅଟେ । ସେ ତା' ଉପରେ ଅତ୍ୟାଚାର କରେ ନାହିଁ, ତାକୁ ତିରସ୍କୃତ କରେ ନାହିଁ, ତାକୁ ହେୟ ଓ ତୁଚ୍ଛ ବୋଲି ମନେକରେ ନାହିଁ । ପୁନଶ୍ଚ ଆଁହଜରତ୍ ସ.ଅ ତିନିଥର ନିଜ ହୃଦୟ ଆଡ଼କୁ ଇଙ୍ଗିତ କରି ଆଦେଶ ଦେଲେ ଯେ, ଧର୍ମପରାୟଣତା ଏଠାରେ ବିଦ୍ୟମାନ ରହିଛି, ଧର୍ମପରାୟଣତା ଏଠାରେ ବିଦ୍ୟମାନ ରହିଛି । କୌଣସି ବ୍ୟକ୍ତିର ପାପ ନିମନ୍ତେ ଏହି ହିଁ ଯେଥେଷ୍ଟ ଯେ, ସେ ନିଜର ଅନ୍ୟ ମୁସଲମାନ ଭାଇକୁ ତୁଚ୍ଛ ବୋଲି ମନେକରୁ ।"

(ସହି ମୁସଲିମ୍ , କିତାବୁଲ୍ ବିର୍ରି ଓସ୍ ସିଲତା ୱଲ୍ ଆଦାବ, ବାବ୍-ତହ୍‌ରିମି ଜୁଲ୍‌ମିଲ୍ ମୁସ୍‌ଲିମି ୱଖୁଜ୍ ଲହୁ, ହଦିସ୍ ନଂ-1456)

ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବର୍‌ରୁକାତେ ହ. ମସିହ୍ ମଉଦ୍ ଅ.ସ)

ମନୁଷ୍ୟ ସଂସାରର ମୋହମାୟା, ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦ କୁ ହିଁ ସ୍ୱର୍ଗ ବୋଲି ମନେକରେ । କିନ୍ତୁ ବାସ୍ତବରେ ତାହା ନର୍କ ଅଟେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଇସ୍‌ଲାମ୍ ଧର୍ମରେ ପ୍ରକୃତ ଜୀବନ ଏକ ମୃତ୍ୟୁକୁ ଆବଶ୍ୟକ କରିଥାଏ ଯାହାକି ଅତ୍ୟନ୍ତ ତିକ୍ତ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ଉକ୍ତ ମୃତ୍ୟୁକୁ ସ୍ୱୀକାର କରେ ତେବେ ସେହି ବ୍ୟକ୍ତି ହିଁ ଜୀବିତ ହୋଇଥାଏ । ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ମନୁଷ୍ୟ ସଂସାରର ମୋହମାୟା, ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦକୁ ହିଁ ସ୍ୱର୍ଗ ବୋଲି ମନେକରିଥାଏ। କିନ୍ତୁ ବାସ୍ତବରେ ତାହା ନର୍କ ଅଟେ । ପୁଣ୍ୟବାନ୍ ତଥା ସାଧୁ ବ୍ୟକ୍ତି ଈଶ୍ୱରଙ୍କ ମାର୍ଗରେ ନାନା ପ୍ରକାରର କଷ୍ଟ ଓ ନିର୍ଯାତନାକୁ ସହ୍ୟ କରିଥାଏ ଏବଂ ତାହା ହିଁ ବୈକୁଣ୍ଠ ହୋଇଥାଏ । ତହିଁରେ କୌଣସି ସନ୍ଦେହ ନାହିଁ ଯେ, ସଂସାର ନଶ୍ୱର ଅଟେ ଏବଂ ସମସ୍ତେ ଜନ୍ମ ନେଇଛନ୍ତି ମୃତ୍ୟୁବରଣ କରିବାକୁ । ଶେଷରେ ଏପରି ଏକ ସମୟ ଆସି ଉପନୀ ହୋଇ ଯାଇଥାଏ ଯେ, ସମସ୍ତ ବନ୍ଧୁମାନେ, ପରିଚିତ ଆତ୍ମୀୟ ସ୍ୱଜନମାନେ ପୃଥକ୍ ହୋଇଯାଆନ୍ତି । ଯେପରି ବ୍ୟକ୍ତି ଅବୈଧ ତଥା ଅନୈତିକ ଆନନ୍ଦ, ସ୍ୱାଦ ଓ ସୁଖ ସ୍ୱାଚ୍ଛନ୍ଦ୍ୟକୁ ହିଁ ନିଜ ନିମନ୍ତେ ଆଶ୍ୱସ୍ତି ଏବଂ ଶାନ୍ତି ବୋଲି ମନେକରିଥାଏ ଠିକ୍ ସେହିପରି ତାହା ତିକ୍ତତା ରୂପରେ ପ୍ରକଟିତ ହୋଇ ଯାଇଥାଏ । ପ୍ରକୃତ ସମ୍ପନ୍ନତା (ଧନାଢ୍ୟତା), ସୁଖ ଓ ଧର୍ମପରାୟଣତା ବ୍ୟତୀତ କଦାପି ପ୍ରାପ୍ତ ହୋଇ ନଥାଏ । ଧର୍ମପରାୟଣତା ଉପରେ ପ୍ରତିଷ୍ଠିତ ହେବା ଏପରି ଅଟେ ଯେପରିକି ବିଷ ପାନ କରିବା ଅଟେ । ଈଶ୍ୱର ଧର୍ମପରାୟଣ ବ୍ୟକ୍ତି ନିମନ୍ତେ ସୁଖ ଶାନ୍ତିର ସାଧନ ଉପଲବ୍ଧ କରି ଦେଇଥାଆନ୍ତି । ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: مَنۡ یَّتَّقِ اللّٰہَ یَجۡعَلۡ لَّہٗ مَخۡرَجًا وَّیَرۡزُقۡہُ مِنۡ حَیۡثُ لَا یَحۡتَسِبُ **(ଅତ୍ ତଲାକ୍: 3-4)** ଅନୁବାଦ: ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରିବ ଅଲ୍ଲାଃ ତା' ସକାଶେ କୌଣସି ନା କୌଣସି ପଥ ଅବଶ୍ୟ ଉନ୍ମୁକତ୍ କରିଦେବେ ଏବଂ ଅଲ୍ଲାଃ ଏପରି ସ୍ଥାନରୁ ଜୀବିକା ପ୍ରଦାନ କରିବେ ଯେଉଁ ସ୍ଥାନରୁ ଜୀବିକା ଲାଭ କରିବା ସେ ଧାରଣା ମଧ୍ୟ କରି ନଥିବ । ତେଣୁ ସୁଖ ସମୃଦ୍ଧିର ନୀତି ହେଉଛି ଧର୍ମପରାୟଣତା । କିନ୍ତୁ ଧର୍ମପରାୟଣତା ପ୍ରାପ୍ତ କରିବା ନିମନ୍ତେ ଏହା ଅନୁଚିତ ଅଟେ ଯେ, ସର୍ତ୍ତାବଳୀ ରଖିବା । ଧର୍ମପରାୟଣତା ଅବଲମ୍ବନ କରିବା ଦ୍ୱାରା ଯାହା ମାଗିବ ତାହା ଅବଶ୍ୟ ପ୍ରାପ୍ତ ହେବ । ଈଶ୍ୱର ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଟନ୍ତି । ଧର୍ମପରାୟଣତା ଅବଲମ୍ବନ କଲେ ଯାହା ଚାହିଁବ ଈଶ୍ୱର ତାହା ଦେବେ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃ-90, ସଂସ୍କରଣ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)

ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବର୍‌ରୁକାତେ ହ. ମୁସଲେହ୍ ମଉଦ୍ ର.ଅ)

تَتَّقُوۡنَର ଗୋଟିଏ ଅର୍ଥ ଏହା ମଧ୍ୟ ରହିଛି ଯେ, ଯଦି ତୁମେମାନେ ପୂର୍ଣ୍ଣ ନିଷ୍ଠା ଓ ବିଶ୍ୱାସର ସହିତ ଈଶ୍ୱରଙ୍କ ଉପାସନା କରିବ ତେବେ ତୁମେମାନେ ଅତ୍ୟାଚାରରୁ ବର୍ତ୍ତିଯିବ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ବକ୍ରାହ୍‌ର ଆୟତ୍ ସଂଖ୍ୟା 22ର ବ୍ୟାଖ୍ୟା କରି କୁହନ୍ତି: "**تَتَّقُوۡنَ ରେ ଯେଁଉଠି ଏପରି ପ୍ରସଙ୍ଗରୁ ବର୍ତ୍ତିବାର ଅର୍ଥ ବାହାରିଥାଏ ଯାହା ଅଲ୍ଲାଃତାଲା ଏବଂ ଭକ୍ତମାନଙ୍କ ପ୍ରସଙ୍ଗକୁ ବିଗାଡ଼ି ଦେଇଥାଏ ।** ସେଠାରେ ତହିଁରୁ ଉକ୍ତ ପ୍ରସଙ୍ଗ ଠାରୁ ମଧ୍ୟ ବର୍ତ୍ତିବା ନିମନ୍ତେ ଇଙ୍ଗିତ ରହିଛି ଯାହା ଭକ୍ତମାନଙ୍କର ପାରସ୍ପରିକ ସଂପର୍କ ସହିତ ଜଡ଼ିତ ଅଟନ୍ତି । ତେଣୁ ଈଶ୍ୱର ଉପାସନା ଏପରି ପ୍ରସଙ୍ଗରେ ଦୋଷ ତ୍ରୁଟି କରିବାରୁ ମଧ୍ୟ ରକ୍ଷା କରିଥାଏ । ତେଣୁ ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ନିଜର ପାଳନକର୍ତ୍ତା ବୋଲି ମନେକରିଥାଏ ତା' ନିମନ୍ତେ ଏହା ଆବଶ୍ୟକ ଯେ, ସେ ତାହାଙ୍କ ଭକ୍ତମାନଙ୍କ ସହିତ ମଧ୍ୟ ଉତ୍ତମ ସଂପର୍କ ସୃଷ୍ଟି କରୁ । ପୁନଶ୍ଚ ଏହା ମଧ୍ୟ ଅନିର୍ବାର୍ଯ୍ୟ ଯେ, ସେ ତାହାଙ୍କ ଅର୍ଥାତ୍ ଈଶ୍ୱରଙ୍କ ଭକ୍ତମାନଙ୍କ ଉପରେ ଅତ୍ୟାଚାର ପ୍ରଦର୍ଶନ ନକରୁ । କାରଣ ଯେଉଁ ବ୍ୟକ୍ତି ନିଜକୁ ଅଲ୍ଲାଃତାଲାଙ୍କ ଭକ୍ତ ରୂପ ଅଭିହିତ କରେ ତେବେ ତା'ର ଦୃଷ୍ଟି ନିଜର ସମସ୍ତ ଆବଶ୍ୟକତା ନିମନ୍ତେ ଈଶ୍ୱରଙ୍କ ଉପରେ ହିଁ ପଡ଼ିବ । ବିଶେଷ କରି ସେ ତାହାଙ୍କ ପାଳନକର୍ତ୍ତା ହେବା ଉପରେ ହିଁ ବିଶ୍ୱାସ କରୁଥିବ ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ସମସ୍ତ ଆବଶ୍ୟକତାର ପରିପୂରକ ରୂପେ ମନେକରେ ତେବେ ସେ କ'ଣ ଭକ୍ତମାନଙ୍କ ପ୍ରସଙ୍ଗ ସଂପର୍କରେ ନଜର୍ ରଖି ପାରିବେ ନାହିଁ ଏବଂ ସେ ନା ହିଁ ନିଜର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ସେମାନଙ୍କର ଧନରେ ଅନିୟମିତତା (ଧନ ହରଣ ବା ଲୁଟ୍) କରିପାରିବେ ଓ ନା ହିଁ ସେମାନଙ୍କ ଉପରେ ଅତ୍ୟାଚାର କରିପାରିବେ ? ଅତଏବ୍ ତତ୍ତକୁନ୍‌ର ଏକ ଅର୍ଥ ଏହା ମଧ୍ୟ ରହିଛି ଯେ, ଯଦି ତୁମେମାନେ ପୂର୍ଣ୍ଣ ନିଷ୍ଠା ଏବଂ ବିଶ୍ୱାସର ସହିତ ନିଜ ପାଳନକର୍ତ୍ତାଙ୍କ ଉପାସନା କରିବ ତେବେ ତୁମେମାନେ ଅତ୍ୟାଚାରରୁ ବର୍ତ୍ତିଯିବ ଓ ସଂସାରରେ ଶାନ୍ତି ମଧ୍ୟ ସ୍ଥାପନ ହେବ । ସାହାବାମାନେ ନିଜ ପାଳକର୍ତ୍ତାଙ୍କ ଭକ୍ତ ପାଲଟି ଯାଇଥିଲେ, ଦେଖ ! ସେମାନଙ୍କ ଶାସନକାଳରେ ସଂସାରକୁ କିପରି ଶାନ୍ତି ପ୍ରାପ୍ତ ହେଲା ? ଏପର୍ଯ୍ୟନ୍ତକି ଶତ୍ରୁମାନଙ୍କ ପର୍ଯ୍ୟନ୍ତ ସେମାନଙ୍କ ଉତ୍ତମ ଆଚାରଣର ପ୍ରଶଂସା ହେଲା ଏବଂ ଆଜି ପର୍ଯ୍ୟନ୍ତ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅଙ୍କ ଶାସନ କାଳର ସ୍ମୃତି ହୃଦୟରେ ଉଜ୍ଜୀବୀତ ରହିଛି । ହ. ଉସ୍‌ମାନ୍ ର.ଅ ଏବଂ ହ. ଅଲୀ ର.ଅଙ୍କ ଶାସନକାଳ ମଧ୍ୟ ସେହିପରି ହିଁ ଥିଲା । କିନ୍ତୁ ଯେହେତୁ ସେମାନଙ୍କ ସଂପର୍କରେ ମତଭେଦ ସୃଷ୍ଟି ହୋଇଛି ତେଣୁ ମୁଁ ସେମାନଙ୍କର ଏବଂ ମତଭେଦର ଚର୍ଚ୍ଚା କରି ନାହିଁ ।" **(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-1, ପୃ-320, ଅନ୍ ଲାଇନ୍ ସଂସ୍କରଣ)** ☆☆☆

ଅହମଦିୟା ଖବର

ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

ସମ୍ପାଦକୀୟ

ଧର୍ମପରାୟଣତା ପ୍ରାପ୍ତ କରିବା ହିଁ ଜୀବନର ପ୍ରକୃତ ଅଭିପ୍ରାୟ ଅଟେ

لَا اِلٰہَ اِلَّا اللّٰہُ مُحَمَّدٌ رَّسُوْلُ اللّٰہِ

2019 ମସିହା ଲଣ୍ଡନ ଠାରେ ଅନୁଷ୍ଠିତ ଜଲସା ସାଲାନା ଅବସରରେ ହୁଜୁର ଅନୱର୍ ଅ.ବଙ୍କ ଉଦ୍‌ଯାପନୀ ଉଦ୍‌ବୋଧନ ।

ଯେପରି ରାତି ଓ ଦିନ ଏକତ୍ରିତ ହୋଇପାରିବ ନାହିଁ ସେହିପରି ବିଶ୍ୱାସ ଏବଂ ପାପ ମଧ୍ୟ ଏକତ୍ରିତ ହୋଇପାରିବ ନାହିଁ

ସୟେଦିନା ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ 2019 ମସିହା ଅଗଷ୍ଟ ମାସ 2 ତାରିଖ ଶୁକ୍ରବାର ଦିନ ଜମାଅତ୍ ଅହମଦିୟା ୟୁ.କେର ଜଲସା ସାଲାନାର ପ୍ରାରମ୍ଭିକ ଅଧିବେଶନରୁ ହିଁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅଧ୍ୟାତ୍ମ ଚକ୍ଷୁବର୍ଦ୍ଧକ ଉଦ୍‌ବୋଧନ ଦେଲେ ।

ହୁଜୁର୍ ଅନ୍‌ୱର୍ ଅ.ବ ଲିୱାଏ ଅହମଦିୟତ୍ (ଜମାଅତ୍ ଅହମଦିୟାର ଧ୍ୱଜା) ଉଡ଼ାଇବା ପରେ ଦୁଆ କରାଇଲେ ଏବଂ 4.37 ମନିଟ୍‌ରେ ଜଲ୍‌ସା ଗାହ୍ ଠାରେ ବିରାଜମାନ ଓ ମଞ୍ଚାସୀନ ହେଲେ । ଏହାପରେ ନିୟମିତ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ।

ସଭାର ଶୁଭାରମ୍ଭ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ (ଆବୃତ୍ତି)ରୁ ଆରମ୍ଭ ହେଲା। ଏହି ତିଲାୱତ୍ କବାବିର୍‌ର ଶ୍ରୀଯୁକ୍ତ ରାଶିଦ୍ ଖତ୍ତାବ୍ ସାହେବ କଲେ । ଆପଣ ସୁରାଃ ଆଲେ ଇମ୍ରାନ୍‌ର ଆୟତ୍ ସଂଖ୍ୟା 191-196 ର ତିଲାୱତ୍ କଲେ ।

ତପ୍‌ରେ ସେହି ଆୟତ୍‌ର ଉର୍ଦ୍ଦୁ ଅନୁବାଦ ମୌଲାନା ନସୀର୍ ଅହମଦ କମର୍ ସାହେବ (ଅତିରିକ୍ତ ୱକିଲୁଲ୍ ଇଶାଅତ୍, ଲଣ୍ଡନ୍) ପାଠ କରାଇ ଶୁଣାଇଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଫାର୍ସି କବିତା ମଧ୍ୟରୁ କେତେକ ପଂକ୍ତି ଶ୍ରୀଯୁକ୍ତ ସୟେଦ୍ ଆଶିକ୍ ହୁସୈନ୍ ସାହେବ ପାଠ କଲେ । ଅପର ପକ୍ଷେ ହୁଜୁର୍ ଅ.ସଙ୍କ ଉର୍ଦ୍ଦୁ କବିତା ମଧ୍ୟରୁ କେତେକ ପଂକ୍ତି ଅଷ୍ଟ୍ରେଲିୟାର ଶ୍ରୀଯୁକ୍ତ ମୁସୱିର୍ ଅହମଦ ସାହେବ ଅତ୍ୟନ୍ତ ସୁମଧୁର କଣ୍ଠରେ ଉପସ୍ଥାପିତ କରିବାର ସୌଭାଗ୍ୟ ଅର୍ଜନ କଲେ ।

5 ବାଜି 4ମିନିଟ ଘଟିକା ସମୟରେ ହୁଜୁର୍ ଅନ୍‌ୱର୍ ଅ.ବ ମଞ୍ଚ ଉପରକୁ ଆସି ଉପସ୍ଥିତ ସଭାମଣ୍ଡଳୀମାନଙ୍କୁ ଏମ୍.ଟି.ଏ ମାଧ୍ୟମରେ ବିଶ୍ୱବ୍ୟାପୀ ଶ୍ରୋତବର୍ଗ ଓ ଦର୍ଶକମଣ୍ଡଳୀମାନଙ୍କୁ **ଅସ୍ ସଲାମୁ ଅଲୈକୁମ୍ ୱରହମତୁଲ୍ଲାଃହି ୱ ବରକାତୁହୁ**ର ଦୁଆ (ଆଶୀର୍ବାଦ) ଦେଲେ ଏବଂ ପ୍ରାରମ୍ଭିକ ଭାଷଣ ସହିତ ଉଦ୍‌ବୋଧନ ଦେଲେ ।

ତଶହୁଦ୍, ତାଆୱୁଜ୍ ଓ ସୁରାଃ ଫାତିହାର ଆବୃତ୍ତି ପରେ ହୁଜୁର୍ ଅନ୍‌ୱର୍ ଅ.ବ ସୁରାଃ ଆଲେ ଇମ୍ରାନର ଆୟତ୍ ସଂଖ୍ୟା-194ର ଆବୃତ୍ତି କଲେ ଏବଂ ଏହାର ଅନୁବାଦ ପାଠ କଲେ ।

ତପ୍‌ରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜି ଏଠାରେ ଆମମାନଙ୍କର ଏକତ୍ରିତ ହେବା ଏଇଥି ପାଇଁ ହୋଇଛି ଯେ, ଆମେମାନେ ଉକ୍ତ କଥାର ଘୋଷଣା ଓ ପରିପ୍ରକାଶ କରିବୁ ଯେ, ଅଲ୍ଲାଃତାଲା ଆମମାନଙ୍କୁ ନିଜର ବିଶେଷ କୃପା ଦ୍ୱାରା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସେହି ପ୍ରତିଶୃତ ମସିହ୍ ଆମମାନଙ୍କୁ ଅଲ୍ଲାଃତାଲା ଓ ଆଁହଜରତ୍ ସ.ଅଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଆଡ଼କୁ ଧ୍ୟାନ ଆକର୍ଷିତ କିରଛନ୍ତି ଓ ଆପଣ ଅ.ସ ସ୍ପଷ୍ଟ ଭାବରେ କହିଦେଲେ ଯେ, ଅଲ୍ଲାଃତାଲା ଏବଂ ଆଁହଜରତ୍ ସ.ଅଙ୍କ ଆଦେଶାବଳୀକୁ ସ୍ୱୀକାର କରିବା ଦ୍ୱାରା ହିଁ ଆମମାନଙ୍କର ଇହକାଳ ତଥା ପରକାଳ ଶୃଙ୍ଖଳିତ ଓ ସୁଧୁରି ପାରିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସୁରାଃ ଆଲେ ଇମ୍ରାନର 194ତମ ଆୟତ୍ ସଂପର୍କରେ କହିଲେ, ଯଦି ଆମର ଆଚରଣ ଉକ୍ତ ଶିକ୍ଷାନୁଯାୟୀ ନହୁଏ ତେବେ ଆମେମାନେ ବିଶ୍ୱାସ ଆଣିବାର ଯେଉଁ ଦମ୍ଭୋକ୍ତି ପ୍ରକାଶ କରୁଛେ ତାହା ସଂପୂର୍ଣ୍ଣ ରୂପେ ଫମ୍ପା ଓ ନିରର୍ଥକ ହେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କୁ ନିଜର ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି । ପ୍ରକୃତ ବିଶ୍ୱାସ ସୃଷ୍ଟି କରିବା ନିମନ୍ତେ ଅଲ୍ଲାଃତାଲାଙ୍କ ଆଦେଶାବଳୀର ଆବଶ୍ୟକତା ରହିଛି ଯେ, ଆମେମାନେ ନିଜ ମଧ୍ୟରେ ସେହି ଅବସ୍ଥା ସୃଷ୍ଟି କରି ଦେଇଛୁ ଯାହା ଜଣେ ପ୍ରକୃତ ବିଶ୍ୱାସକାରୀ ନିମନ୍ତେ ଆବଶ୍ୟକ ରହିଛି । ସେହି ସ୍ତରଗୁଡ଼ିକ କ'ଣ ଯାହା ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କ ସମ୍ମୁଖେ ରଖିଛନ୍ତି ?

ଏହାପରେ ହୁଜୁର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ଆଲେଖ୍ୟମାନର ପ୍ରକାଶରେ ବିଶ୍ୱାସର ବାସ୍ତବତା ସଂପର୍କରେ ବର୍ଣ୍ଣନା କଲେ । ହ. ମସିହ୍ ମଉଦ୍ ଅ.ସଙ୍କ ଆଲେଖ୍ୟର ପ୍ରକାଶରେ ହୁଜୁର ଅନ୍‌ୱର୍ ଅ.ବ ବିଶ୍ୱାସର ବାସ୍ତବତା ସଂପର୍କରେ କହିଲେ, ଯଦି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଥାଏ ତେବେ ମନୁଷ୍ୟ ପାପ ଆଡ଼କୁ ଯାଇପାରିବ ନାହିଁ । ସେହିପରି ମନୁଷ୍ୟର ଜୀବନର ପ୍ରକୃତ ଅଭିପ୍ରାୟ ହେଲା ଧର୍ମପରାୟଣତା ପ୍ରାପ୍ତ କରିବା । ତେଣୁ ଧର୍ମପରାଣତା ବିନା ମନୁଷ୍ୟ କଦାପି ପାପରୁ ବର୍ତ୍ତିପାରିବ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ ପାପ ସଂପର୍କରେ କହିଲେ, ମନୁଷ୍ୟ ପାପ ଆଡ଼କୁ ସେତେବେଳେ ଯାଇଥାଏ ଯେତେବେଳେ ସେ ନିଜକୁ ଏକୁଟିଆ ବୋଲି ମନେକରିଥାଏ ଏବଂ ଏହି ଧାରଣାଟି ଯେ, ମନୁଷ୍ୟ ଏକୁଟିଆ ଅଟେ ଏହା ନାସ୍ତିକବାଦୀ ଧାରଣା ଅଟେ। ଧର୍ମପରାୟଣତା ମହତ୍ତ୍ୱତା ସଂପର୍କରେ ହୁଜୁର୍ ଅନୱର୍ ଅ.ବ ବିସ୍ତୃତ ଆଲୋକପାତ କରି କହିଲେ ଯେ, ପବିତ୍ର କୁରଆନ୍ କରୀମ୍ ଧର୍ମପରାୟଣତାରୁ ହିଁ ପ୍ରସଙ୍ଗ ଆରମ୍ଭ କରିଛି । ଦ୍ୱିତୀୟତଃ ସୁରାଃର ପ୍ରାରମ୍ଭରେ ହି ହୁଦଲ୍ ଲିଲ୍ ମୁତ୍ତିକିନର ଶବ୍ଦ ଆସିଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ମନୁଷ୍ୟ ମଧ୍ୟରେ ଧର୍ମପରାୟଣତା ହୋଇଥାଏ ସେତେବେଳେ ଈଶ୍ୱର ପାପର ମସସ୍ତ ମାଧ୍ୟମ ସମାପ୍ତ କରି ଦେଇଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ ଧର୍ମପରାୟଣତାର ମହତ୍ତ୍ୱକୁ ବର୍ଣ୍ଣନା କରି କହିଲେ, ଏହାଠୁ ବଳି ଅର୍ଥାତ୍ ଧର୍ମପରାୟଣତା ଠାରୁ ବଳି ଆଉ ଅନ୍ୟ କୌଣସି ସଫଳତା ନାହିଁ । ସାଂପ୍ରତିକ କାଳରେ ଧର୍ମପରାୟଣତାର ବେଶ ଆବଶ୍ୟକତା ରହିଛି ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଅବତାରମାନେ ଏହି ସଂସାରକୁ ଏଇଥି ପାଇଁ ଆସନ୍ତି ଯେ, ସେମାନେ ଧର୍ମପରାୟଣତାକୁ ସ୍ଥାପନ କରିବେ ଓ ସାଂପ୍ରତିକ କାଳରେ ହ. ମସିହ୍ ମଉଦ୍ ଅ.ସ ଏହାକୁ ଅର୍ଥାତ୍ ଧର୍ମପରାୟଣତାକୁ ପ୍ରାପ୍ତ କରିବା ଆଡ଼କୁ ଧ୍ୟାନ ଆକର୍ଷିତ କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ ଧର୍ମପରାୟଣତା ସଂପର୍କରେ ବର୍ଣ୍ଣନା କରି କହିଲେ, କେବଳ ଧର୍ମପରାୟଣ ବ୍ୟକ୍ତିକୁ ହିଁ ମୋକ୍ଷ ପ୍ରାପ୍ତି (ମୁକ୍ତି) ମିଳିଥାଏ ଏବଂ ତାକୁ ଏପରି ସ୍ଥାନରୁ ଜୀବିକା ପ୍ରାପ୍ତ ହୋଇଥାଏ ଯେ, ସେ କଳ୍ପନା ମଧ୍ୟ କରି ନଥିବ । ସେହିପରି ଏକ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଈଶ୍ୱର ଧର୍ମପରାୟଣ ବ୍ୟକ୍ତିଙ୍କର ବନ୍ଧୁ ପାଲଟି ଯାଇଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ ନମାଜ୍‌ର ନିୟମାନୁବର୍ତ୍ତୀ ସଂପର୍କରେ କହିଲେ, ନମାଜ୍ ପ୍ରତ୍ୟେକ ଦିନରେ 5 ଥର ଅନିର୍ବାର୍ଯ୍ୟ ଅଟେ ଏବଂ ଏହା ଦ୍ୱାରା ଅର୍ଥାତ୍ ନମାଜ୍ ଦ୍ୱାରା ଈଶ୍ୱରଙ୍କ ପ୍ରେମ ପ୍ରାପ୍ତ ହୋଇଥାଏ ଓ ତାହାଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଥାଏ ।

ହୁଜୁର୍ ଅନ୍‌ୱର୍ ଏଥି ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ପ୍ରକୃତ ବିଶ୍ୱାସ ଏହିକି ଯେ, ସମସ୍ତ ଆବଶ୍ୟକତା ଈଶ୍ୱରଙ୍କ ସମ୍ମୁଖରେ ହିଁ ଉପସ୍ଥାପିତ କରାଯାଉ । ହୁଜୁର ଅନ୍‌ୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ବିଶ୍ୱାସର ଏକ ସୁନ୍ଦର ଉଦାହରଣର ଚର୍ଚ୍ଚା କରି କହିଲେ, "ଯେପରି ଦିନ ରାତି ଏକାଠି ହୋଇପାରିବ ନାହିଁ ଠିକ୍ ସେହିପରି ବିଶ୍ୱାସ ଏବଂ ପାପ ମଧ୍ୟ ଏକତ୍ରିତ (ଏକାଠି) ହୋଇପାରିବ ନାହିଁ ।"

ଉକ୍ତ ଉଦ୍‌ବୋଧନରେ ହୁଜୁର୍ ଅନ୍‌ୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀର ପ୍ରକାଶରେ ବୈଅତ୍‌ର ବାସ୍ତବତା ସଂପର୍କରେ ବର୍ଣ୍ଣନା କରିଛନ୍ତି ଯେ, "ଯେପର୍ଯ୍ୟନ୍ତ ପ୍ରକୃତ ଅଭିପ୍ରାୟ ପ୍ରାପ୍ତ ହୋଇଯାଇ ନାହିଁ ଓ ମୋକ୍ଷ ପ୍ରାପ୍ତି ହୋଇଯାଇ ନାହିଁ ସେପର୍ଯ୍ୟନ୍ତ କେବଳ ବୈଅତ୍ କରିବା ଉପରେ ବିଶ୍ୱାସ କରିବା ଉଚିତ୍ ନୁହଁ । ଯଦି ମନୁଷ୍ୟ (ବ୍ୟକ୍ତି) ସ୍ୱୟଂ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ହୋଇଯାଇ ନାହିଁ ତେବେ କେବଳ ବୈଅତ୍ କରିବା କୌଣସି ଲାଭ ଦେବ ନାହିଁ ।"

ହୁଜୁର୍ ଅନୱର୍ ଅ.ବ କ ହିଲେ, ସତ୍‌କର୍ମ ଏବଂ ଇସ୍ତିଗ୍‌ଫାର ସଂପର୍କରେ ହ. ମସିହ୍ ମଉଦ୍ ଅ.ସଙ୍କ ଅଧ୍ୟାତ୍ମସମ୍ବଳିତ ଆଲେଖ୍ୟମାନ ପାଠ କରି ଶୁଣାଇଲେ । ହୁଜୁର୍ ଅନ୍‌ୱର୍ ଅ.ବ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ପବିତ୍ର କୁରଆନ୍ କରୀମ୍‌ର ମହତ୍ତ୍ୱ ଓ ମାହାତ୍ମ୍ୟତା ସଂପର୍କରେ ସୂଚନା ପ୍ରଦାନ କରି କହିଲେ, ପବିତ୍ର କୁରଆନ୍ କରୀମ୍‌କୁ କେବଳ କାହାଣୀ ପରି ପାଠ କରା ନଯାଉ । ବରଂ ପବିତ୍ର କୁରଆନ୍ କରୀମ୍ ଏକ ଆଲୋକ ଅଟେ ଏବଂ ଏକ ଜୀବନ୍ତ ଓ ଜାଜ୍ୱଲ୍ୟମାନ ଧର୍ମଗ୍ରନ୍ଥ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ଭବ୍ୟମୂଳକ ଶବ୍ଦରେ ଜମାଅତ୍ ଅହମଦିୟାର ମାହାତ୍ମ୍ୟତାର ଚର୍ଚ୍ଚା କଲେ ଏବଂ ଉକ୍ତ ପ୍ରସଙ୍ଗ ଆଡ଼କୁ ଧ୍ୟାନ ଆକର୍ଷଣ କରି କହିଲେ ଯେ, ଜମାଅତ୍‌ରେ ସାମିଲ୍ ହୋଇଥିବା ସଦସ୍ୟବୃନ୍ଦଙ୍କର ଜୀବନ ସାଧାରଣ ସାଂସାରିକ ବ୍ୟକ୍ତିମାନଙ୍କ ପରି ହେବା ଉଚିତ୍ ନୁହଁ । କେବଳ ଏହା କହିଦେବା କି ଆମେମାନେ ଜମାଅତ୍ ଅହମଦିୟାରେ ପ୍ରବିଷ୍ଟ ହୋଇଅଛୁ ତାହା ଯଥେଷ୍ଟ ନୁହଁ । ଆମେମାନେ ଏହା କହିଦେବା କି ଆମେମାନେ ଜମାଅତ୍ ଅହମଦିୟାରେ ପ୍ରବିଷ୍ଟ ହୋଇଅଛୁ ଓ ଆମମାନଙ୍କୁ ସତ୍‌କର୍ମ କରିବାର ଆବଶ୍ୟକତା ନାହିଁ । ଏହା ଅତ୍ୟନ୍ତ ନିକୃଷ୍ଟ ଅବସ୍ଥା ଅଟେ । ଅଲ୍ଲାଃତାଲା ଏଭଳି ନିକୃଷ୍ଟାବସ୍ଥାକୁ ପସନ୍ଦ କରନ୍ତି ନାହିଁ ।

ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଉପଦେଶ ଦେଇଛନ୍ତି। ସେହି ଉପଦେଶାବଳୀ ମଧ୍ୟରୁ କେତେକ ଉପେଦେଶାବଳୀ ହୁଜୁର୍ ଅନ୍‌ୱର୍ ଅ.ବ ଏଠାରେ ଚର୍ଚ୍ଚା କରିଛନ୍ତି । ସେହି ଉପଦେଶାବଳୀଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା । ହୁଜୁର ଅନୱର ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି:

☆......ମୋ ସହିତ ଯଦି ସଂପର୍କ ରଖୁଛ ତେବେ ମୋର ଅଭିପ୍ରାୟକୁ ମଧ୍ୟ ସାକାର ଓ ଚରିତାର୍ଥ କର ।

☆......ତୁମେମାନେ ନିଜର କର୍ମ ଓ କୃତ୍ୟ ଦ୍ୱାରା ଏହା ପ୍ରମାଣିତ କର ଯେ, ତୁମେମାନେ ହିଁ ସତ୍ୟବାଦୀ ଗୋଷ୍ଠୀ ଅଟ ।

☆.....ତୁମେମାନେ ନୂତନ ଜୀବନ ଯାପନକାରୀ ମନୁଷ୍ୟ ହୋଇଯାଅ ।

☆.....ଉଦ୍‌ବୋଧର ଶେଷାର୍ଦ୍ଧରେ ହୁଜୁର୍ ଅନ୍‌ୱର୍ ଅ.ବ ସଂସାରବାସୀ ଓ ବିଶ୍ୱବ୍ୟାପୀ ମୁସଲମାନମାନଙ୍କ ନିମନ୍ତେ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଇ କହିଲେ, ଏହି ଦିନମାନଙ୍କରରେ ବିଶେଷ ରୂପେ ସଂସାରବାସୀଙ୍କ ସକାଶେ ଓ ମୁସଲମାନମାନଙ୍କ ନିମନ୍ତେ ଦୁଆ କରନ୍ତୁ । କାରଣ ସଂସାର ଯେଉଁ ଯୁଦ୍ଧ ଆଡ଼କୁ ଅଗ୍ରସର ହେଉଛି ଅଲ୍ଲାଃତାଲା ତହିଁରୁ ସଂସାରବାସୀଙ୍କୁ ରକ୍ଷା କରନ୍ତୁ ଓ ଆମେମାନେ ଇସ୍‌ଲାମ୍ ଧର୍ମର ଧ୍ୱଜା ଉତ୍ତୋଳନକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇଯାଉ ।

ହୁଜୁର ଅନ୍‌ୱର୍ ଅ.ବଙ୍କ ଉକ୍ତ ଉଦ୍‌ବୋଧନଟି 6.12 ମିନିଟ୍ ସମୟରେ ଶେଷ ହେଲା। ଏହାପରେ ସାମୂହିକ ଦୁଆରେ ଉକ୍ତ ଜଲ୍‌ସା ତଥା ଅଧିବେଶନଟି ସମାପ୍ତ ହେଲା ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ହୁଜୁର ଅନ୍‌ୱର୍ ଅ.ବଙ୍କୁ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଆଦେଶାବଳୀକୁ ଶୁଣିବା, ବୁଝିବା ଓ ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍ ପକ୍ଷରୁ କୃତଜ୍ଞତାର ସହିତ ଉକ୍ତ ଉଦ୍‌ବୋଧନଟି ପ୍ରକାଶିତ କରାଯାଉଛି)**

☆☆☆



(ଖୁତ୍‌ବା ଜୁମା)

ଆଁହଜରତ୍ ସ.ଅଙ୍କ ଅତୁଳନୀୟ ଉଦାରତା ଓ ବଦାନ୍ୟତା

ଖୁତ୍‌ବା ଜୁମା 19 JUNE 2026 ମସିହା ଅନୁଯାୟୀ ୧୯ ଇହସାନ୍ ୧୪୦୫ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଜି ଆମ୍ଭେ ଆଁହଜରତ୍ ସ.ଅଙ୍କ ବଦାନ୍ୟତା, ଉଦାରତା ଓ ପରୋପକାରିତା ସଂପର୍କରେ କେତେକ ବର୍ଣ୍ଣନା ଉପସ୍ଥାପିତ କରିବି । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ସଇଦ୍ ଖୁଦରୀ ର.ଅ ବର୍ଣ୍ଣନା କରନ୍ତି ଯେ, ଅନ୍‌ସାରମାନଙ୍କ ମଧ୍ୟରୁ କେତେକ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କୁ କିଛି ଜିନିଷ ମାଗିଲେ । ଆପଣ ସ.ଅ ସେମାନଙ୍କୁ ସେହି ଜିନିଷ ଦେଇଦେଲେ । ପୁନଶ୍ଚ ସେମାନେ ଆପଣ ସ.ଅଙ୍କୁ ମାଗିଲେ ଏବଂ ଆପଣ ସ.ଅ ସେମାନଙ୍କୁ ତାହା ଦେଇଦଲେ । ପୁନଶ୍ଚ ସେମାନେ ଆପଣ ସ.ଅଙ୍କୁ କିଛି ମାଗିଲେ ଏବଂ ଆପଣ ସ.ଅ ତାହା ଦେଇଦେଲେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ପାଖରେ ଯାହା କିଛି ରହିଥିଲା ତାହା (ସବୁ) ସମାପ୍ତ ହୋଇଗଲା । ଆପଣ ସ.ଅ କହିଲେ, "ମୋ ପାଖରେ ଯେଉଁ ଯେଉଁ ଧନ ବି ରହିବ ମୁଁ ତାହାକୁ ତୁମ ଠାରୁ କଦାପି ଲୁଚାଇବି ନାହିଁ ଏବଂ ଯେଉଁ ବ୍ୟକ୍ତି ମାଗିବାରୁ ବର୍ତ୍ତିବ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ମଧ୍ୟ ବଞ୍ଚାଇବେ । ତତ୍‌ସହିତ ଆପଣ ସ.ଅ ନମାଗିବା ନିମନ୍ତେ ମଧ୍ୟ ଉପଦେଶ ଦେଲେ । ହୁଜୁର ସ.ଅ କହିଲେ, ଯେଉଁ ବ୍ୟକ୍ତି ସାଂସାରିକ ସମ୍ପତ୍ତି ଠାରୁ ନିଃସ୍ପୃହତା (ଧନବାନ୍, ଅନାବଶ୍ୟକଭାବ/ଅନିଚ୍ଛାଭାବ) ହେବାକୁ ଇଚ୍ଛୁକ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ନିଃସ୍ପୃହ (ଧନବାନ୍) କରିଦେବେ । ଯେଉଁ ବ୍ୟକ୍ତି ନିଜର ଆତ୍ମା ଉପରେ ଜୋର ଦେଇ (ଚାପ ପକାଇ) ଧୈର୍ଯ୍ୟ ପ୍ରଦର୍ଶନ କରିବ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ମଧ୍ୟ ଧୈର୍ଯ୍ୟ ପ୍ରଦାନ କରିବେ । ଧୈର୍ଯ୍ୟ ଠାରୁ ବଳି ବ୍ୟାପକ ଏବଂ ସର୍ବୋତ୍ତମ ପୁରସ୍କାର ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରଦାନ କରାଯାଇ ନାହିଁ ।" **(ସହିହୁଲ୍ ବୁଖାରୀ, ଅନୁବାଦକ, କିତାବୁଜ୍ ଜକାତ୍, ବାବ୍-ଅଲ୍ ଇସ୍ତିଗଫାରି ଅନିଲ୍ ମସ୍‌ଅଲତି, ହଦିସ୍ ନଂ-1469, ଗ୍ରନ୍ଥଖଣ୍ଡ-3, ପୃ-110, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ କଠିନ ପରିସ୍ଥିତିରେ, ସମସ୍ୟାର, ଆବଶ୍ୟକ ସ୍ଥଳେ ଧୈର୍ଯ୍ୟ ପ୍ରଦର୍ଶନ କରିବା ମଧ୍ୟ ଜରୁରୀ ହୋଇଥାଏ ଏବଂ ଅଲ୍ଲାଃତାଲା ପୁରସ୍କାର ମଧ୍ୟ ପ୍ରଦାନ କରିଥାଆନ୍ତି । ହ. ଇବ୍‌ନ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ସହିତ ଆମେମାନେ ଏକ ଯାତ୍ରାରେ ଥିଲୁ ଏବଂ ମୁଁ ଏକ ଦୁଷ୍ଟ ଯୁବ ଓଟ ଉପରେ ଆରୋହଣ ହୋଇଥିଲି । ସେହି ଯୁବ ଓଟ ମୋ ପିତାଶ୍ରୀଙ୍କ ଥିଲା ଏବଂ ସେ ମୋତେ ଅସହାୟ କରି ଦେଉଥିଲା ଏବଂ ଲୋକମାନଙ୍କ ଠାରୁ ଆଗକୁ ବଢି ଯାଉଥିଲା । ହ. ଉମର୍ ର.ଅ ସେହି ଯୁବ ଓଟକୁ ପାଟି କରୁଥିଲେ । ଅର୍ଥାତ୍ ଓଟ ଉପରେ ଅତ୍ୟାଚାର କୁରଥିଲେ, ତାକୁ ଅଟକାଉଥିଲେ, ତାକୁ ଡାକ ମାରୁଥିଲେ ଏବଂ ପଛକୁ ଘୁଞ୍ଚାଇ ଦେଉଥିଲେ । ସେ ଯାହା ହେଉ ଓଟମାନଙ୍କୁ ଚଲେଇବାର ଏବଂ ଆୟତ୍ତ କରିବାର ଯେଉଁ ପନ୍ଥା ମଧ୍ୟ ରହିଥିଲା ତଦନୁଯାୟୀ ତାକୁ କହୁଥିଲେ ଯଦ୍ୱାରାକି ଓଟଟି ପଛକୁ ହୋଇଯାଉଥିଲା । ପୁନଶ୍ଚ ସେହି ଓଟ ଲୋକମାନଙ୍କ ବାହନ ଆଗକୁ ଆଗେଇ ଯାଉଥିଲା ଏବଂ ହ. ଉମର୍ ର.ଅ ସେହି ଓଟକୁ ପୁନଃ ପାଟି କରୁଥିଲେ ଏବଂ ହ. ଉମର୍ ଆଁହଜରତ୍ ସ.ଅଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଯାଇ ଉକ୍ତ ଓଟକୁ ପଛକୁ କରି ଦେଉଥିଲେ । କାରଣ ନବୀ କରୀମ୍ ସ.ଅଙ୍କ ବାହନ ଆଗକୁ କୌଣସି ବାହାନ ଯେପରି ନବଢୁ । ହ. ଉମର୍ ର.ଅ ଏହା ସହ୍ୟ କରୁ ନଥିଲେ ଯେ, ଆଁହଜରତ୍ ସ.ଅଙ୍କ ବାହନ ଠାରୁ ଅନ୍ୟ କୌଣସି ବାହନ ଆଗକୁ ଅଗ୍ରସର ହେଉ । ଅତଏବ୍ ନବୀ କରୀମ୍ ସ.ଅ ଏହା ଦେଖି ହ. ଉମର୍ ର.ଅଙ୍କୁ କହିଲେ, ହେ ଉମର୍ ! ଆପଣ ମୋତେ ଏହି ଓଟ ମୂଲ୍ୟ ନେଇ ଦେଇ ଦିଅନ୍ତୁ । ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଓଟ ଆପଣଙ୍କର ହିଁ ଅଟେ । ଆପଣ ସେମିତି ନେଇ ନିଅନ୍ତୁ । କିନ୍ତୁ ରସୁଲ୍ କରୀମ୍ ସ.ଅ କହିଲେ, ହେ ଉମର୍ ତୁମେ ମୋତେ ଏହି ଓଟ ବିକ୍ରି କରିଦିଅ । ସୁତରାଂ ହ. ଉମର୍ ର.ଅ ଆଁହଜରତ୍ ସ.ଅଙ୍କ ହସ୍ତରେ ଉକ୍ତ ଓଟଟିକୁ ବିକ୍ରି କରିଦେଲେ । ପୁନଶ୍ଚ ନବୀ କରୀମ୍ ସ.ଅ କହିଲେ, ହେ ଅବଦୁଲ୍ଲାଃ ବିନ୍ ଉମର୍ ! ଉକ୍ତ ଓଟଟି ବର୍ତ୍ତମାନ ତୁମର ଅଟେ । ତା ଠାରୁ ଯାହା ଚାହୁଁଛ ତାହା କର । **(ସହିହୁଲ୍ ବୁଖାରୀ, ଅନୁବାଦକ-କିତାବୁଲ୍ ବୁୟୁ, ବାବ୍- ଇଜଶ୍ ତରା ଶୈଇଅନ୍, ଫଓହବ୍.......ହଦିସ୍ ନଂ-2115, ଗ୍ରନ୍ଥଖଣ୍ଡ-4, ପୃ-86, ପ୍ରକାଶକ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପହାର ଦେବାର ମଧ୍ୟ ବଡ଼ ବିଚିତ୍ର ଶୈଳୀ ରହିଥିଲା। ଆପଣ ସ.ଅ ସ୍ପଷ୍ଟ କରିଦେଲେ ଯେ, ଓଟ ତ' ଏକ ଜୀବ ଅଟେ । ସେ ଯଦି ଏପରି ଆଗକୁ ଅଗ୍ରସର ହୋଇଯାଇଥାଏ ତେବେ ତହିଁରେ କୌଣସି ଅସୁବିଧା ଏବଂ ସମସ୍ୟା ନାହିଁ । ବର୍ତ୍ତମାନ ଏହି ଓଟ ତ' ମୋ ତରଫରୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି । ଯଦି ଉକ୍ତ ଓଟଟି ବାହନ ମଧ୍ୟରୁ ଆଗକୁ ଅଗ୍ରସର ହୋଇଯାଏ ତେବେ ଏହା କୁହାଯିବ ଯେ, ଆଁହଜରତ୍ ସ.ଅଙ୍କ ଦ୍ୱାରା ପ୍ରଦତ୍ତ ଯେଉଁ ଓଟଟି ଥିଲା ତାହା ଆଗକୁ ଅଗ୍ରସର ହୋଇଯାଇଛି ।

ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ସହିତ ମୁଁ ଏକ ଯୁଦ୍ଧରେ ଥିଲି । ମୋ ଓଟର ଗତି ମନ୍ଥର ହୋଇଗଲା ଏବଂ ସେହି ଓଟ କ୍ଳାନ୍ତ ଯେତେବେଳେ ହୋଇ ପଡ଼ିଲା ସେତେବେଳେ ନବୀ କରୀମ୍ ସ.ଅ ମୋ ପାଖକୁ ଆସିଲେ ଏବଂ କହିଲେ, ହେ ଜାବିର୍ ମୁଁ କହିଲି, ଆଜ୍ଞା ! ତୁମର କେଉଁ ଅବସ୍ଥା ରହିଛି ବା ତୁମେ କିପରି ଅଛ ? ମୁଁ କହିଲି, ଓଟ ଚାଲିବାରେ ଟିକେ ମନ୍ଥର ହୋଇଯାଇଛି ଏବଂ କ୍ଳାନ୍ତ ହୋଇ ପଡ଼ିଛି । ସେଇଥି ପାଇଁ ମୁଁ ପଛରେ ରହି ଯାଇଛି । ସେତେବେଳେ ଆପଣ ସ.ଅ ବାହନ ଉପରୁ ତଳକୁ ଓହ୍ଲାଇ ନିଜର ଖୁଣ୍ଟରୁ ଓଟ ଟାଣିବାକୁ ଲାଗିଲେ ପୁନଶ୍ଚ ଆପଣ ସ.ଅ କହିଲେ, ହେ ଜାବିର୍ ! ଆସ ମୋ ଓଟ ଉପରେ ଆରୋହଣ ହୋଇଯାଅ । ତେବେ ମୁଁ ଆରୋହଣ ହେଲି, ମୁଁ ଦେଖିଲି ଯେ, ସେହି ଓଟ ଏତେ ଦ୍ରୁତଗାମୀ ହୋଇଯାଇଛି ଯେ, ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ମଧ୍ୟ ଆଗକୁ ଅଗ୍ରସର କରିବାକୁ ଲାଗିଲାଣି। ଫଳତଃ ମୋତେ ସେହି ଓଟକୁ ଅଟକାଇବାକୁ ପଡ଼ିଲା । ପୁନଶ୍ଚ ଆଁହଜରତ୍ ସ.ଅ ମୋତେ ପଚାରିଲେ ଯେ, ହେ ଜାବିର୍ ! ତୁମେ ନିକାହ୍ (ବିବାହ) କରି ନେଇଛ ? ମୁଁ କହିଲି ଆଜ୍ଞା ହଁ । ଏହାପରେ ଆପଣ ସ.ଅ କହିଲେ, ହେ ଜାବିର୍! ଦେଖ ! ତୁମେ ନିଜ ଘରେ ପହଞ୍ଚିବାକୁ ଯାଉଛ । ଯେତେବେଳେ ତୁମେ ନିଜ ଘରେ ପହଞ୍ଚ ସେତେବେଳେ ବୁଦ୍ଧିର ସହିତ ସତର୍କତା ଅବଲମ୍ବନ କରିବ । ଘରେ ଉତ୍ତମ ଆଚରଣ ହେବା ଉଚିତ୍ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ଜାବିର୍ ! ତୁମେ ନିଜର ଓଟ ମୋତେ ବିକ୍ରି କରିବ କି ? ମୁଁ କହିଲି, ଆଜ୍ଞା ହଁ । ତେବେ ଆପଣ ସ.ଅ ସେହି ଓଟ ମୋ ଠାରୁ 1 ଔକିୟାହ୍ ରୂପାରେ କିଣିନେଲେ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ମୋ ପୂର୍ବରୁ ମଦିନା ପହଞ୍ଚିଗଲେ ଏବଂ ମୁଁ ପରବର୍ତ୍ତୀ ଦିନ ସକାଳେ ମଦିନା ଠାରେ ପହଞ୍ଚିଲି। ଆମେମାନେ ମସ୍‌ଜିଦକୁ ଯେତେବେଳେ ଆସିଲୁ ସେତେବେଳେ ମୁଁ ଆପଣ ସ.ଅଙ୍କୁ ମସ୍‌ଜିଦ୍‌ର କବାଟ ପାଖରେ ଦେଖିବାକୁ ପାଇଲି । ଆପଣ ସ.ଅ କହିଲେ, ହେ ଜାବିର୍! ତୁମେ ଏବେ ପହଞ୍ଚିଲ ? ମୁଁ କହିଲି, ଆଜ୍ଞା । ଆପଣ ସ.ଅ କହିଲେ, ହେ ଜାବିର୍ ! ତୁମେ ନିଜର ଓଟକୁ ଛାଡ଼ିଦିଅ ଏବଂ ମସ୍‌ଜିଦକୁ ଯାଇ 2 ରକାତ୍ ନମାଜ ପାଠ କର । ସୁତରାଂ ମୁଁ ଭିତରକୁ ଗଲି ଏବଂ ନମାଜ୍ ପାଠ କଲି । ହ. ବିଲାଲ୍ ର.ଅ ଆପଣ ସ.ଅଙ୍କୁ କହିଲେ, ତାକୁ (ଜାବିର୍ ର.ଅଙ୍କୁ) 1 ଔକିୟାହ୍ ରୂପା ଦେଇଦିଅ । ହ. ବିଲାଲ୍ ର.ଅ ଓଜନ କରି ଦେଇଦେଲେ ଏବଂ ଓଜନ କରିବାରେ ନିକିତି ଟିକେ ଗଡ଼େଇକି ଦେଲେ। ଅର୍ଥାତ୍ ଟିକେ ଅଧିକ ଦେଲେ। ପୁନଶ୍ଚ ମୁଁ ପିଠି ବୁଲାଇ ଚାଲିଗଲି । ଆପଣ ସ.ଅ କହିଲେ, ହେ ସାହାବାବମାନେ! ତୁମେମାନେ ଜାବିରଙ୍କୁ ମୋ ପାଖକୁ ଆସିବା ନିମନ୍ତେ କୁହ । ମୁଁ ମନରେ କହିଲି, ବର୍ତ୍ତମାନ ଆପଣ ସ.ଅ ମୋର ଓଟ ମୋତେ ଫେରସ୍ତ କରିଦେବେ ଏବଂ ମୋତେ ସେହି ଫେରସ୍ତ ଠାରୁ ଅଧିକ ଅନ୍ୟ କୌଣସି କଥା ପସନ୍ଦ ନଥିଲା ଯେ, ଆପଣ ସ.ଅ ସେହି ଓଟକୁ କିଣିଛନ୍ତି ଏବଂ ମୋତେ ଫେରସ୍ତ କରିଦେଲେ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ହେ ଜାବିର୍ ଓଟ ନେଇନିଅ ଏବଂ ଉକ୍ତ ଓଟର ମୂଲ୍ୟ ମଧ୍ୟ ତୁମର ଅଟେ । **(ସହିହୁଲ୍ ବୁଖାରୀ, ଅନୁବାଦକ-କିତାବୁଲ୍ ବୁୟୁ, ବାବ୍- ଶରରୁଦ୍ ଦୱାବ୍......, ହଦିସ୍ ନଂ-2097, ଗ୍ରନ୍ଥଖଣ୍ଡ-4, ପୃ-66-68, ପ୍ରକାଶକ, ନଜାରତ୍ ଇଶାଅତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏହାପରେ ମୁଁ ଏକ ଇହୁଦୀ ବ୍ୟକ୍ତି ପାଖ ଦେଇ ଅତିକ୍ରମ କଲି ଏବଂ ମୁଁ ଯେତେବେଳେ ଉକ୍ତ ସମସ୍ତ ଘଟଣାବଳୀ ତାକୁ କହିଲି, ସେତେବେଳେ ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତ ହୋଇ କହିବାକୁ ଲାଗିଲା, ହେ ଜାବିର୍ ! କ'ଣ ମୁହମ୍ମଦ୍ ସ.ଅ ତୁମକୁ ମୂଲ୍ୟ ଫେରସ୍ତ କରିଦେଲେ ଏବଂ ଓଟ ମଧ୍ୟ ଦେଇଦେଲେ? ମୁଁ କହିଲି, ହଁ ! ଏହିପରି ହିଁ ଅଟେ । ଜାବିର୍ ର.ଅ କୁହନ୍ତି ଯେ, ଆଁହଜରତ୍ ସ.ଅଙ୍କ ତରଫରୁ ପ୍ରଦତ୍ତ ଉପହାରରେ ଏତେ କଲ୍ୟାଣ ସୃଷ୍ଟି ହେଲା ଯେ, ଓଟ ଆଁହଜରତ୍ ସ.ଅଙ୍କ ଶାସନ କାଳରେ ଏବଂ ହ. ଅବୁ ବକ୍କର ର.ଅଙ୍କ ଶାସନ କାଳରେ ଓ ହ. ଉମର୍ ର.ଅଙ୍କ ଶାସନକାଳ ପର୍ଯ୍ୟନ୍ତ ଜୀବିତ ରହିଲେ । **(ନଜାହୁଲ୍ କାରି, ଶରାହ୍ ସହିହୁଲ୍ ବୁଖାରୀ, ଗ୍ରନ୍ଥଖଣ୍ଡ-16, ପୃ-22, ନଜାହୁଲ୍ କାରି, ସହହୁଲ୍ ବୁଖାରୀ, ଗ୍ରନ୍ଥଖଣ୍ଡ-16, ପୃ-34-35, ମକ୍‌ତବା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଉଦାହରଣ, ଆପଣ ସ.ଅଙ୍କ ସଂସ୍କାର ଓ ଆପଣ ସ.ଅଙ୍କ ପବିତ୍ର ଐଶୀ ଶକ୍ତି ଏବଂ ସାମର୍ଥ୍ୟତାର ହିଁ ସେହି ପ୍ରଭାବ ରହିଥିଲା ଯାହା ସାହାବାମାନଙ୍କ ଉପରେ ପଡ଼ିଥିଲା । ହ. ଖଦିଜା ର.ଅଙ୍କ ଉପରେ ମଧ୍ୟ ଏହି ପ୍ରଭାବ ରହିଥିଲା (ପଡ଼ିଥିଲା) ଏବଂ ସେହି କାରଣରୁ ଆପଣ ର.ଅ ବିନା କୌଣସି ଦ୍ୱିବିଧାରେ, ବିନା କୌଣସି ଭୟରେ ନିଜର ଧନକୁ ଆଁହଜରତ୍ ସ.ଅଙ୍କୁ ହସ୍ତାନ୍ତର କରିଦେଲେ । ସୁତରାଂ ଏହା ବର୍ଣ୍ଣନା କରାଯାଏ ଯେ, ରସୁଲୁଲ୍ଲାଃ ସ.ଅ ହ. ଖଦିଜା ର.ଅଙ୍କ ପାଖକୁ ଆସିଲେ ଏବଂ ଆପଣ ସ.ଅଙ୍କ କିଛି ଚିନ୍ତାଧାର ରହିଥିଲା । ହ. ଖଦିଜ ର.ଅ ଆପଣ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ହେଲା?

ଆପଣ ସ.ଅ କହିଲେ, ଦୁର୍ଭିକ୍ଷ କାଳ ଚାଲିଛି । ମୋତେ ତୁମ ଠାରୁ ଲାଜ ମାଡୁଛି ଯେ, ମୁଁ ଯଦି ଧନକୁ ବ୍ୟୟ କଲି ତେବେ ତୁମର ଧନ ସମାପ୍ତ ହୋଇଯିବ ଏବଂ ମୁଁ ଯଦି ସେହି ଧନକୁ ଖର୍ଚ୍ଚ ନକରେ ତେବେ ମୁଁ ଅଲ୍ଲାଃତାଲାଙ୍କ ଠାରୁ ଡରୁଛି । ହ. ଖଦିଜା ର.ଅ କୁରୈଶ୍‌ମାନଙ୍କୁ ଡକାଇଲେ । ସେମାନଙ୍କ ମଧ୍ୟରେ ହ. ଅବୁ ବକ୍କର ର.ଅ ମଧ୍ୟ ଥିଲେ । ହ. ଅବୁ ବକ୍କର ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଖଦିଜା ର.ଅ ଦିନାର କାଢିଲେ ଏବଂ ଗଦା କରିଦେଲେ । ଏପର୍ଯ୍ୟନ୍ତକି ଅର୍ଥର ଆଧିକ୍ୟତା ଯୋଗୁଁ ମୁଁ ଏହା ଦେଖିପାରୁ ନଥିଲି ଯେ, ମୋ ସାମ୍ନାରେ କିଏ ବସିଛି ? ପୁନଶ୍ଚ ହ. ଖଦିଜା ର.ଅ କହିଲେ, ହେ ସାହାବାମାନେ (ଏବଂ ହେ ଅବୁ ବକ୍କର୍ ର.ଅ) ! ତୁମେମାନେ ସାକ୍ଷୀ ରୁହ ଯେ, ଏହି ସମସ୍ତ ଧନ ଆଁହଜରତ୍ ସ.ଅଙ୍କର ଅଟେ । ଯଦି ସେ (ଆଁହଜରତ୍ ସ.ଅ) ଚାହାନ୍ତି ତେବେ ସେ ସେହି ଧନକୁ ବ୍ୟୟ କରିଦେବେ ଏବଂ ଯଦି ଆପଣ ସ.ଅ ଚାହିଁବେ ତେବେ ସେହି ଧନକୁ ନିଜ ପାଖରେ ରଖିନେବେ । ସେ ଅର୍ଥାତ୍ ହ. ଖଦିଜା ର.ଅ ଆପଣ ସ.ଅଙ୍କ ଦ୍ୱନ୍ଦ୍ୱକୁ ଦୂର କରିବା ନିମନ୍ତେ ଉକ୍ତ ଧନ ଦେଲେ ଯେ, ଠିକ୍ ଅଛି ଆପଣ ସ.ଅ ଖର୍ଚ୍ଚ କରନ୍ତୁ । **(ତଫସିର୍ କବିର୍, ଇମାମ୍ ରାଜି, ଗ୍ରନ୍ଥଖଣ୍ଡ-16, ଭାଗ-31-32, ପୃ-198, ତଫ୍‌ସିର୍ ସୁରତୁଜ୍ ଜୁହା, ଆୟତ୍ ସଂଖ୍ୟା-8, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ 2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଉମର୍ ବିନ୍ ଖତ୍ତାବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଆପଣ ସ.ଅଙ୍କୁ କିଛି ଜିନିଷ ମାଗିଲା । ନବୀ କରୀମ୍ ସ.ଅ କହିଲେ, ହେ ବ୍ୟକ୍ତି ! ମୋ ପାଖରେ ବର୍ତ୍ତମାନ ଦେବା ନିମନ୍ତେ କିଛି ନାହିଁ । ନବୀ କରୀମ୍ ସ.ଅ ହ. ଉମର୍ ର.ଅଙ୍କୁ କହିଲେ, ହେ ଉମର୍! ତୁମେ ମୋ ନାଁରେ ଆବଶ୍ୟକୀୟ ଜିନିଷ କିଣିନିଅ । ମୋ ପାଖକୁ ଯେତେବେଳେ କିଛି ଆସିବ ସେତେବେଳେ ମୁଁ ତାହା ପରିଶୋଧ କରିଦେବି ।" ପ୍ରତ୍ୟୁତ୍ତରରେ ହଜରତ ଉମର୍ ର.ଅ କହିଲେ: "ହେ ଅଲ୍ଲାଙ୍କ ବାର୍ତ୍ତାବହ ! ଆପଣ ତାକୁ ପୂର୍ବରୁ ଦେଇ ସାରିଛନ୍ତି ଏବଂ ଯାହା ଆପଣଙ୍କ ସାମର୍ଥ୍ୟରେ ନାହିଁ, ଅଲ୍ଲାଃ ତାହା ପାଇଁ ଆପଣଙ୍କୁ ଦାୟୀ କରି ନାହାନ୍ତି ।" ନବୀ କରୀମ୍ ସ.ଅ ହଜରତ୍ ଉମର୍ ର.ଅଙ୍କ ଉକ୍ତ କଥାକୁ ନାପସନ୍ଦ କଲେ। ତେବେ ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଲା: "ହେ ଅଲ୍ଲଃଙ୍କ ବାର୍ତ୍ତାବହ ! ଆପଣ ଖର୍ଚ୍ଚ କରନ୍ତୁ ଏବଂ ଆକାଶର ମାଲିକ ଅଲ୍ଲାଃଙ୍କ ତରଫରୁ ଦାରିଦ୍ର୍ୟତା ପାଇଁ ଭୟ କରନ୍ତୁ ନାହିଁ ।" ଆନ୍‌ସାରୀର ଏହି କଥାରେ ରସୁଲୁଲ୍ଲାଃ ସ.ଅ ସ୍ମିତହସ୍ୟ ପ୍ରକାଶ କଲେ ଏବଂ ଆନନ୍ଦ ଆପଣଙ୍କ ମୁଖମଣ୍ଡଳରୁ ପ୍ରକଟିତ ହେବାକୁ ଲାଗିଲା । ଆପଣ ସ.ଅ ପୁନଶ୍ଚ କହିଲେ: "ମୋତେ ଏଇଥି ପାଇଁ ଆଦେଶ ଦିଆଯାଇଛି।" **(ଶମାଇଲୁନ୍ ନବୀ ସ.ଅ, ପୃଷ୍ଠା-148-149, ବାବ୍-ମା ଯାଆ ଫି ଖଲ୍‌କି ରସୁଲୁଲ୍ଲାଃ ସ.ଅ, ହଦିସ୍ ନଂ-340, ନୁର୍ ଫାଉଣ୍ଡେସନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହଜରତ ଅବୁ ହୁରୈରାହ୍ ର.ଅ କହୁଥିଲେ ଯେ, ଏହଲେ ସୁଫା (ସୁଫା ବାସୀ) ମୁସଲମାନମାନଙ୍କର ଅତିଥି ହେଉଥିଲେ । ସେମାନଙ୍କର ଘରଦ୍ୱାର ନଥିଲା ଯେ, ସେମାନେ ଯାଇ ବିଶ୍ରାମ କରିବେ ଓ ଏପରି କେହି ନଥିଲେ ଯାହାଙ୍କ ପାଖକୁ ଯାଇ ସେମାନେ ରହିଥାଆନ୍ତେ । ଯେତେବେଳେ ଆପଣଙ୍କ ସ.ଅଙ୍କ ପାଖକୁ କୌଣସି ସଦ୍‌କା (ଦାନ) ଆସୁଥିଲା ସେତେବେଳେ ଆପଣ ତାହା ସେମାନଙ୍କ ପାଖକୁ ପଠାଇ ଦେଉଥିଲେ ଏବଂ ନିଜେ ତହିଁରୁ (ସେଥିରୁ) କିଛି ବି ନେଉ ନଥିଲେ। ବାସ୍ତବରେ ସଦ୍‌କା ନେବା ଆପଣଙ୍କ ପାଇଁ ହରାମ୍ (ଅବୈଧ) ଥିଲା, ତାହା ଅନ୍ୟ ଗରିବମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ଯେତେବେଳେ ଆପଣଙ୍କ ପାଖକୁ କୌଣସି ହଦିୟା (ଉପହାର) ଆସୁଥିଲା ସେତେବେଳେ ଆପଣ ଏହ୍‌ଲେ ସୁଫାଙ୍କୁ (ସୁଫା ବାସୀଙ୍କୁ) ଡକାଉଥିଲେ ଏବଂ ତହିଁରୁ ନିଜେ କିଛି ନେଉଥିଲେ ଓ ସେମାନଙ୍କୁ ମଧ୍ୟ ଦେଉଥିଲେ । **(ସହିହୁଲ୍ ବୁଖାରୀ, ଅନୁବାଦକ୍, କିତାବୁଲ୍ ରିକାକ୍, ଗ୍ରନ୍ଥଖଣ୍ଡ-15, ହଦିସ୍ ନଂ-6452, ପୃ-222, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ବଦାନ୍ୟତା ଓ ଉଦାରତାର ସହିତ ସହାନୁଭୂତି ଏବଂ ସଂସ୍କାରର କି ଉଚ୍ଚ ସ୍ତର ରହିଥିଲା ? ଏଥି ସଂକ୍ରାନ୍ତରେ ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହଜରତ୍ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଥରେ ଜଣେ ଆରବ୍ୟ ମଫସଲିଆ ବ୍ୟକ୍ତି (ବଦ୍ଧୁ ବ୍ୟକ୍ତି) ଆସି ନବୀ କରିମ୍ ସ.ଅଙ୍କୁ ନିଜର ଆବଶ୍ୟକତା ସମ୍ପର୍କରେ କହି କିଛି ଜିନିଷ ମାଗିଲା । ବର୍ଣ୍ଣନାକାରୀ ଇକ୍ରମା କୁହନ୍ତି, ମୋର ମନେହୁଏ ସେ ରକ୍ତପାତର କ୍ଷତିପୂରଣ (ଦିୟତ୍) ମାମଲାରେ ସାହାଯ୍ୟ ମାଗିବାକୁ ଆସିଥିଲା । ରସୁଲୁଲ୍ଲାହ ସ.ଅ ତାକୁ କିଛି ପ୍ରଦାନ କଲେ । ପରେ ଆପଣ ସ.ଅ କହିଲେ: "ହେ ବ୍ୟକ୍ତି ! କ'ଣ ମୁଁ ତୁମ ସହିତ ଭଲ ବ୍ୟବହାର ପ୍ରଦର୍ଶନ କରି ନାହି?" ପ୍ରତ୍ୟୁତ୍ତରରେ ସେହି ବଦ୍ଧୁ (ମଫସଲିଆ ବ୍ୟକ୍ତି) କହିଲା: ନା ! ଆପଣ ମୋ ସହିତ ଭଲ ବ୍ୟବହାର କରି ନାହାନ୍ତି ।" କେତେକ ମୁସଲମାନମାନେ କ୍ରୋଧିତ ହୋଇ ତାହା ଆଡ଼କୁ ଧାଇଁଗଲେ, ତାକୁ ଧରିବାକୁ ଚାହିଁଲେ, କିନ୍ତୁ ରସୁଲୁଲ୍ଲାହ ସ.ଅ ଇଙ୍ଗିତରେ ସେମାନଙ୍କୁ ଅଟକାଇ ଦେଲେ । ପୁନଶ୍ଚ ନବୀ କରିମ୍ ସ.ଅ ଉଠି ଘରକୁ ଗଲେ ଏବଂ ସେହି ବଦ୍ଧୁକୁ (ମଫସଲିଆ ବ୍ୟକ୍ତିକୁ) ଘରକୁ ଡକାଇ ତାକୁ କହିଲେ, "ହେ ବ୍ୟକ୍ତି ତୁମେ ମୋ ପାଖକୁ ଆସିଲ ଏବଂ ମୋତେ ମାଗିଲ ଏବଂ ମୁଁ ତୁମକୁ ଦେଲି, ଆଉ ତୁମେ ଯାହା କହିଲ ତାହା କହିଲ ମୁଁ ତାହା ପୂରଣ କଲି । ତୁମେ ଜାଣ ଯେ, ତୁମେ କ'ଣ କହୁଛ ? ଅର୍ଥାତ୍ ମୁଁ ନ୍ୟାୟ ପ୍ରଦର୍ଶ କରି ନାହିଁ ?" ପୁନଶ୍ଚ ରସୁଲୁଲ୍ଲାହ ସ.ଅ ତାକୁ ଘରୁ ଆହୁରି ଅଧିକ ଦାନ କଲେ। ପୁନଶ୍ଚ ଆପଣ ସ.ଅ ସେହି ବ୍ୟକ୍ତିକୁ କହିଲେ ହେ ବ୍ୟକ୍ତି ! କ'ଣ ଏବେ ମୁଁ ତୁମ ସହିତ ଭଲ ବ୍ୟବହାର କରି ନାହିଁ ? ବଦ୍ଧୁ କହିଲା ଆଜ୍ଞା ହଁ ! ଅଲ୍ଲଃ ଆପଣଙ୍କ ପରିବାର ଓ କବିଲାର (ସଂପ୍ରଦାୟର) ଲୋକମାନଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । **ଆମିନ୍** ।" ପ୍ରତ୍ୟୁତ୍ତରରେ ନବୀ କରିମ୍ ସ.ଅ ତାକୁ କହିଲେ: "ତୁମେ ମୋ ପାଖକୁ ଆସିଲ, ମାଗିଲ, ମୁଁ ତୁମକୁ ଦେଲି । କିନ୍ତୁ ତୁମ ମନକୁ ଯାହା ଆସିଲା ତୁମେ କିଛି ନଭାବି ନଚିନ୍ତି କହିଦେଲ ଏବଂ ମୋର ସାଥୀମାନଙ୍କ (ସହାବା) ମନରେ ତୁମର ଏହି କଥା ଯୋଗୁଁ କିଛି କ୍ରୋଧ ରହିଛି (ଜାତ ହୋଇଛି) । ତେଣୁ ତୁମେ ବର୍ତ୍ତମାନ ଯେତେବେଳେ ବାହାରକୁ ଯିବ ସେତେବେଳେ ତୁମେ ସେମାନଙ୍କ ସମ୍ମୁଖରେ ଏହିପରି ପ୍ରକାଶ କରିବ ଯେପରି ଏଠାରେ ଅର୍ଥାତ୍ ମୋ ସମ୍ମୁଖରେ କହିଲ । କାରଣ ଏହା ଦ୍ୱାରା ସେମାନଙ୍କ ମନ ଭିତରେ ଥିବା ଯେଉଁ କ୍ରୋଧାଭାବ ରହିଥିଲା ତାହା କ୍ରମଶଃ ଦୂରୀଭୂତ ହୋଇଯିବ (ଅର୍ଥାତ୍ ସେ ଏବେ ସ୍ୱୀକାର କଲା ଯେ ଆପଣ ନ୍ୟାୟ କରିଛନ୍ତି)। ବର୍ଣ୍ଣନାକାରୀ କୁହନ୍ତି, ଯେତେବେଳେ ସେହି ମଫସଲିଆ ବ୍ୟକ୍ତି ଆସିଲା, ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ: "ତୁମର ଏହି ସାଥୀ ଆମ ପାଖକୁ ଆସିଲା, ମୋତେ ମାଗିଲା, ମୁଁ ତାକୁ ଦେଲି ଏବଂ ତା' ମନକୁ ଯାହା ଆସିଲା ତାହା ସେ କହିଲା । ମୁଁ ତାକୁ ଡକାଇ ଆହୁରି ଅଧିକ ଦେଲି ଏବଂ ତା'ର କହିବା କଥା ଯେ ସେ ଏବେ ସନ୍ତୁଷ୍ଟ ଓ ପ୍ରସନ୍ନ ହୋଇଯାଇଛି । କ'ଣ ଏହା ସତ ?" ସେହି ବଦ୍ଧୁ ଉତ୍ତର ଦେଲା, ଆଜ୍ଞା ହଁ ! ଏବଂ ଅଲ୍ଲଃ ଆପଣ ସ.ଅଙ୍କୁ, ଆପଣ ସ.ଅଙ୍କ ପରିବାର ଓ ସଂପ୍ରଦାୟ ପକ୍ଷରୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।"

ହଜରତ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏହା ଶୁଣି ନବୀ କରିମ୍ ସ.ଅ କହିଲେ, "ମୋର ଏବଂ ଏହି ବଦ୍ଧୁର ଉଦାହରଣ ସେହି ବ୍ୟକ୍ତି ପରି ଯାହାର ଏକ ଓଟ ହୁଡ଼ରି (ତରକି) ଡେଇଁ ପଳାଇଲା ଏବଂ ଲୋକମାନେ ତା' ପଛରେ ଦଉଡ଼ିଲେ, ଯଦ୍ଦ୍ୱାରାକି ସେହି ଓଟ ଆହୁରି ଭୟଭୀତ ହୋଇ ପଳାଇଲା । ଏହା ଉପରେ ଓଟର ମାଲିକ କହିଲା, 'ମୋତେ ଏବଂ ମୋ ଓଟକୁ ଛାଡ଼ିଦିଅ, କାରଣ ମୁଁ ତା' ସହିତ ଅଧିକ କୋମଳ, ନମ୍ର ବ୍ୟବହାର କରିପାରିବି ଏବଂ ଓଟକୁ କିପରି ଧରିବାକୁ ହେବ ମୋତେ ଅଧିକ ଜଣାଅଛି । ତୁମେମାନେ ତା' ପଛରେ ଦୌଡ଼ିଲେ ସେ ଆହୁରି ପଳାଇବ । ପରେ ଓଟର ମାଲିକ ତା' ଆଡ଼କୁ ଗଲା, କିଛି ଘାସ ନେଇ ତାକୁ ନିଜ ଆଡ଼କୁ ଡାକିଲା । ହାତରେ ଘାସ ଧରି ଓଟ ଆଡ଼କୁ ଗଲା ଏପର୍ଯ୍ୟନ୍ତକି ସେହି ଓଟ ତା' ପାଖକୁ ଚାଲି ଆସୁ ଏବଂ ସେ ତା' ଉପରେ ପଲାଣ ପକାଇ ତା' ଉପରେ ଆରୋହଣ ହୋଇଯାଉ । ଆପଣ ସ.ଅ କହିଲେ, "ଘାସ ଖାଇବା ଆଶାରେ ଓଟଟି ଆସିଥାଏ, ସେ ତାକୁ ଦେଖିବ ଏବଂ ଯେତେବେଳେ ଓଟଟି ପାଖକୁ ଆସିବ ସେତେବେଳେ ସେହି ମାଲକି ତା' ଉପରେ ପଲାଣ ପକାଇ ଦେବ ।" ଆଁହଜରତ୍ ସ.ଅ ପୁନଶ୍ଚ କହିଲେ: "ଯଦି ମୁଁ ସେତେବେଳେ ତୁମମାନଙ୍କ କଥା ମାନି ନେଇଥାନ୍ତି, ଯେତେବେଳେ ତୁମେମାନେ ସେହି ବଦ୍ଧୁ ପ୍ରତି କଠୋର ହେବାକୁ କହିଥିଲ ଏବଂ ଯେତେବେଳେ ସେ କଠୋର ଶବ୍ଦ କହିଥିଲା ଏବଂ ମୁଁ ତୁମମାନଙ୍କୁ ତା' ଉପରେ କଠୋରତା କରିବାକୁ ଅନୁମତି ପ୍ରଦାନ କରିଥାନ୍ତି, ତେବେ ସେ ନର୍କର ନିଆଁରେ ପ୍ରବେଶ କରିଥାନ୍ତା । କିନ୍ତୁ ମୁଁ ତାକୁ ରକ୍ଷା କଲି ଏବଂ ଏବେ ସେ ସନ୍ତୁଷ୍ଟ ଓ ପ୍ରସନ୍ନ ହୋଇଯାଇଛି ।" **(ମଜ୍‌ମାଆଜ୍ ଜୱାଇଦ୍, ଗ୍ରନ୍ଥ ଖଣ୍ଡ-8, ପୃଷ୍ଠା-413-414,କିତାବୁ ଅଲାମାତିନ୍ ନୁବୁୱତ, ବାବ୍- ଫି ହୁସନି ଖୁଲୁକିହି ଓ ହୟାଇହି ସ.ଅ, ହଦିସ୍ ନଂ-14193, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଆପଣଙ୍କ ସ.ଅଙ୍କ ଦାନ କରିବାର ଶୈଳୀ ଥିଲା । ଆପଣ ସ.ଅ ସେହି ବ୍ୟକ୍ତିକୁ ଘର ଭିତରକୁ ମଧ୍ୟ ନେଇଗଲେ, ଘରେ ନେଇ ଦେଲେ । ବାହାରକୁ ଆଣି ମଧ୍ୟ ଦେଇପାରିଥାନ୍ତେ, କିନ୍ତୁ ଏହା ଦେଖାଇଲେ ଯେ, ଦେଖ! ମୋ ଘରେ ମଧ୍ୟ ଏପରି କୌଣସି ସୁଖ ସ୍ୱାଚ୍ଛନ୍ଦ୍ୟର ସାମଗ୍ରୀ ନାହିଁ । କିନ୍ତୁ ଯାହା ଅଛି ତାହା ମୁଁ ତୁମକୁ ଦେଉଛି ଏବଂ ଏଥିରେ ସେହି ବଦ୍ଧୁ ମଧ୍ୟ ସନ୍ତୁଷ୍ଟ ହୋଇଗଲା ।

ହୁଜୁର ଅନ୍‌ୱର ଅ.ବ କହିଲେ, ହଜରତ୍ ରୁବୈୟି ବିନ୍‌ତ୍ ମୁଆୱିଜ୍ ବିନ୍ ଅଫ୍ରା ର.ଅ ବର୍ଣ୍ଣନା କରନ୍ତି ଯେ, ମୋର ପିତାଶ୍ରୀ ମୁଅୱିଜ୍ ବିନ୍ ଇଫ୍ରା ମୋତେ ରସୁଲୁଲ୍ଲାଃ ସ.ଅଙ୍କ

ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ସେବାରେ ଏକ 'ସାଆ' (ପରିମାଣ) ତାଜା ଖଜୁରୀ ଦେଇ ପଠାଇଲେ, ଯାହା ଉପରେ ଛୋଟ ଛୋଟ କାକୁଡ଼ି ରଖାଯାଇଥିଲା । ସେହି କାକୁଡ଼ି ସଦ୍ୟତମ (ଫ୍ରେଶ୍) କାକୁଡ଼ି ଥିଲା । ନବୀ ସ.ଅ କାକୁଡ଼ି ପସନ୍ଦ କରୁଥିଲେ । ସେହି ସମୟରେ ରସୁଲୁଲ୍ଲାହ ସ.ଅଙ୍କ ପାଖକୁ ବାହାରେନ୍‌ରୁ ଅଳଙ୍କାର ଆସିଥିଲା । ଆପଣ ସ.ଅ ସେହି ଅଳଙ୍କାର ମଧ୍ୟରୁ ମୁଠାଏ ଭର୍ତ୍ତିକରି ମୋତେ ପ୍ରଦାନ କଲେ । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ମୋତେ ଆଞ୍ଜୁଳାଏ ଅଳଙ୍କାର କିମ୍ବା ସୁନା ପ୍ରଦାନ କଲେ ଏବଂ ପରେ କହିଲେ, ବେ ମୁଆଜ୍ ବିନ୍ ଅଫ୍ରା "ଏହାକୁ ପିନ୍ଧିନିଅ ।" **(ମଜ୍‌ମାଆଜ୍ ଜୱାଇଦି, ଗ୍ରନ୍ଥ ଖଣ୍ଡ-8, ପୃଷ୍ଠା-410, କିତାବୁ ଅଲାମାତିନ୍ ନୁବୁୱତ୍, ବାବ୍- ଫି ହୁସ୍‌ନି ଖୁଲୁକିହି ଓ ହୟାଇହି ସ.ଅ, ହଦିସ୍ ନଂ-14182-1483, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଖଜୁରୀ ଓ କାକୁଡ଼ି ବଦଳରେ ସୁନାର ଅଳଙ୍କାର ଆପଣ ସ.ଅ ପ୍ରଦାନ କିରଦେଲେ ! ଏହା ହିଁ ହେଉଛି ଉତ୍ତମ ଶୈଳୀରେ ଫେରାଇବା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହଜରତ୍ ଅବୁ ହୁରୈରାହ୍ ର.ଅଙ୍କର ବର୍ଣ୍ଣନା ରହିଛି ଯେ, ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଯେତେବେଳେ କୌଣସି ଏପରି ବ୍ୟକ୍ତିର ଯାନାଜାଃ (ଅନ୍ତିମ ସଂସ୍କାର) ଆସୁଥିଲା ଯାହା ଉପରେ ଋଣ ହେଉଥିଲା ତେବେ ଆପଣ ସ.ଅ ପଚାରୁଥିଲେ: "ସେ ନିଜର ଋଣ ପରିଶୋଧ କରିବା ପାଇଁ କିଛି ଧନ ସମ୍ପତ୍ତି ଛାଡ଼ିଯାଇଛି କି ?" ଯଦି ଲୋକମାନେ କହୁଥିଲେ 'ହଁ' ତେବେ ଆପଣ ସ.ଅ ସେହି ବ୍ୟକ୍ତିର ଯନାଜାଃ ନମାଜ୍ ପାଠ କରୁଥିଲେ ନଚେତ୍ ମୁସଲମାନମାନଙ୍କୁ କହୁଥିଲେ: "ତୁମେମାନେ ତୁମର ସାଥୀର ଯନାଜାଃ ନମାଜ୍ ପାଠ କରିନିଅ । ଯେତେବେଳେ ଅଲ୍ଲାଃତାଲା ଆପଣଙ୍କୁ ସ.ଅ ବିଜୟ ପ୍ରଦାନ କଲେ, ସେତେବେଳେ ଆପଣ ସ.ଅ କହିଲେ: "ମୁଁ ମୁସଲମାନମାନଙ୍କର ସେମାନଙ୍କ ଆତ୍ମୀୟ ସ୍ୱଜନମାନଙ୍କ ଅପେକ୍ଷା ଅଧିକ ନିକଟତର ଅଟେ । ତେଣୁ ବିଶ୍ୱାସକାରୀମାନଙ୍କ (ମୋମିନ୍) ମଧ୍ୟରୁ ଯେଉଁ ବ୍ୟକ୍ତି ମୃତ୍ୟୁବରଣ କରେ ଏବଂ ସେ ଋଣଗ୍ରସ୍ତ ହୋଇଯାଏ, ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ଋଣ ପରିଶୋଧ କରିବା ମୋର ଦାୟିତ୍ୱ ଅଟେ । ସେହିପରି ଯେଉଁ ବ୍ୟକ୍ତି ସମ୍ପତ୍ତି ଛାଡ଼ିଯାଏ ତେବେ ତାହା ତାର ଉତ୍ତରାଧିକାରୀମାନଙ୍କର । ଅର୍ଥାତ୍ ହୁଜୁର୍ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯଦି ମୃତ୍ୟୁ ପ୍ରାପ୍ତ ବ୍ୟକ୍ତିର କୌଣସି ଋଣ ରହିଛି ତେବେ ମୁଁ ସେହି ବ୍ୟକ୍ତିର ଋଣ ପରିଶୋଧ କରିଦେବି । କିନ୍ତୁ ସର୍ତ୍ତ ଏହିକି ଯେ, ସେହି ବ୍ୟକ୍ତି ଉତ୍ତରାଧିକାରୀ ସୂତ୍ରରେ କିଛି ଅର୍ଥ ଛାଡ଼ି ଯାଇଥିବ ଏବଂ ସେହି ସମ୍ପତ୍ତି ତା'ର ଉତ୍ତରାଧିକାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ ।" **(ସହିହୁଲ୍ ବୁଖାରୀ, ଅନୁବାଦକ୍, ଗ୍ରନ୍ଥଖଣ୍ଡ-4, ପୃ-280, କିତାବୁଲ୍ କଫାଲାହ୍, ବାବ୍- ଅଦ୍ ଦୀନ୍, ହଦିସ୍ ନଂ-12298, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବ୍‌ଦୁଲ୍ଲାଃ ହୌଜନୀ ବର୍ଣ୍ଣନା କଲେ, ମୁଁ ହଜରତ୍ ବିଲାଲ୍ ର.ଅଙ୍କୁ ଯିଏ ରସୁଲୁଲ୍ଲାଃ ସ.ଅଙ୍କ ମୁଅଜ୍ଜିନ୍ (ଆଜାନ୍ ଦେଉଥିବା ବ୍ୟକ୍ତି) ଥିଲେ ହଲବ୍ ନାମକ ସ୍ଥାନରେ ସାକ୍ଷାତ୍ କଲି । ମୁଁ କହିଲି, "ହେ ବିଲାଲ ! ମୋତେ କୁହନ୍ତୁ ଯେ ରସୁଲୁଲ୍ଲାଃ ସ.ଅଙ୍କ ଖର୍ଚ୍ଚ କିପରି ହେଉଥିଲା ?" ସେ କହିଲେ ଯେ, ଆପଣଙ୍କ ସ.ଅ ପାଖରେ କିଛି ହେଉ ନଥିଲା । ମୁଁ ହିଁ ଆପଣଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରୁଥିଲି। ଯେତେବେଳେ ଅଲ୍ଲଃ ତାଆଲା ଆପଣଙ୍କୁ ନବୀ ରୂପେ ଅବତୀର୍ଣ୍ଣ (ପ୍ରେରଣ) କଲେ। ଯେବେଠାରୁ ମୁଁ ବୈଅତ୍ କରିଥିଲି ସେବେଠାରୁ ହିଁ ମୁଁ ଅର୍ଥ ବ୍ୟବସ୍ଥା କରୁଥିଲି । ଏପର୍ଯ୍ୟନ୍ତକି ରସୁଲୁଲ୍ଲାଃ ସ.ଅଙ୍କ ବିୟୋଗ ହୋଇଗଲା । ଯେତେବେଳେ ଆପଣ ସ.ଅଙ୍କ ପାଖକୁ କୌଣସି ମୁସଲମାନ ବ୍ୟକ୍ତି ଆସୁଥିଲା ଏବଂ ଆପଣ ସ.ଅ ଦେଖୁଥିଲେ ଯେ, ତା' ପାଖରେ ପୋଷାକ ନାହିଁ, ସେତେବେଳେ ଆପଣ ସ.ଅ ମୋତେ ଆଦେଶ ଦେଉଥିଲେ । ମୁଁ ଯାଇ ଋଣ ନେଉଥିଲି ଏବଂ ତା ପାଇଁ ଚଦର କିଣି ତାକୁ (ସେହି ବ୍ୟକ୍ତିକୁ) ପିନ୍ଧାଉଥିଲି ଓ ସେହି ବ୍ୟକ୍ତିକୁ ଖାଇବାକୁ ଦେଉଥିଲି । ଏପର୍ଯ୍ୟନ୍ତକି ମୁଶ୍‌ରିକିନମାନଙ୍କ (ଅବିଶ୍ୱାସକାରୀମାନଙ୍କ) ମଧ୍ୟରୁ ଜଣେ ଲୋକ ମୋତେ ଭେଟିଲା ଏବଂ କହିଲା, "ହେ ବିଲାଲ୍ ! ମୋ ପାଖରେ ପ୍ରଚୁର ଧନସମ୍ପତ୍ତି ଅଛି, ତୁମେ କେବଳ ମୋଠାରୁ ହିଁ ଋଣ ନିଅ।" ତା'ପରେ ମୁଁ କେବଳ ତା' ଠାରୁ ହିଁ ଋଣ ନେବାକୁ ଲାଗିଲି । ସେ (ହ. ବିଲାଲ୍) କୁହନ୍ତି: ଥରେ ମୁଁ ୱଜୁ କଲି ଏବଂ ଆଜାନ୍ ଦେବା ପାଇଁ ଛିଡ଼ା ହେଲି। ସେହି ସମୟରେ ସେହି ମୁଶରିକ୍ ବ୍ୟବସାୟୀମାନଙ୍କର ଏକ ଦଳ ଆସି ପହଞ୍ଚିଗଲା । ଯେତେବେଳେ ସେ ମୋତେ ଦେଖିଲା, ସେତେବେଳେ ସେ କହିବାକୁ ଲାଗିଲା, ହେ ହବ୍‌ସୀ (ନିଗ୍ରୋ) ! ମୁଁ କହିଲି, "ଆଜ୍ଞା" ସେ ମୋ ଆଡ଼କୁ ଘୃଣା ଚକ୍ଷୁରେ ଚାହିଁଲା ଏବଂ ମୋତେ କଠୋର ଶବ୍ଦରେ ସମ୍ବୋଧିତ କରି କହିଲା, ହେ ବିଲାଲ୍ ! "କ'ଣ ତୁମେ ଜାଣିଛ ଯେ ତୁମ ମଧ୍ୟରେ ଏବଂ ମାସ ଶେଷ ହେବା ମଧ୍ୟରେ ଆଉ କେତେ ଦିନ ବାକି ଅଛି ?" (ଅର୍ଥାତ୍ ଋଣ ପରିଶୋଧ ପାଇଁ ଯେଉଁ ଚୁକ୍ତି ହୋଇଥିଲା, ସେଥିପାଇଁ କେତେ ଦିନ ଅଛି ? ହଜରତ ବିଲାଲ୍ ର.ଅ କୁହନ୍ତି, ମୁଁ କହିଲି, "ମୋତେ ଜଣାଅଛି, ସେହି ଦିନ ନିକଟତର ହୋଇଗଲାଣି ।" ସେ କହିଲା, ହେ ବିଲାଲ୍ ! "ତୁମ ମଧ୍ୟରେ ଏବଂ ସେହି ଦିନ ମଧ୍ୟରେ କେବଳ ଚାରି ଦିନ ବାକି ଅଛି । ଋଣ ପରିଶୋଧ କରିବାର ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା ତହିଁରେ ମାତ୍ର ଆଉ ଚାରି ଦିନ ଶେଷ ରହିଛି । ତୁମ ଉପରେ ଯେଉଁ ଋଣ ଅଛି, ତା' ବଦଳରେ ମୁଁ ତୁମକୁ ଧରିବି ଏବଂ ପୁଣି ସେହି ଅବସ୍ଥାକୁ ତୁମକୁ ଫେରାଇ ଦେବି ଯେପରି ତୁମେ ପୂର୍ବେ ଛେଳି ମେଣ୍ଢା ଚରାଉଥିଲ, ଠିକ୍ ସେହିପରି ତୁମେ ବର୍ତ୍ତମାନ ଛେଳୀ, ମେଣ୍ଢା ଚରାଇବ ।" ହ. ବିଲାଲ୍ ର.ଅ କୁହନ୍ତି ଯେ, ମୋ ମନରେ ସେହିପରି ଦାରୁଣ ଦୁଃଖ ଓ ଭୟ ସୃଷ୍ଟି ହେଲା ଯେପରି ସାଧାରଣ ଲୋକଙ୍କ ମନରେ ହୋଇଥାଏ । ହଜରତ୍ ବିଲାଲ୍ ର.ଅ କୁହନ୍ତି, ମୋର ଅତ୍ୟନ୍ତ କାତର ଅବସ୍ଥା ହୋଇଗଲା। ଏପର୍ଯ୍ୟନ୍ତକି ମୁଁ ଇଶା ନମାଜ୍ ପାଠ କଲି । ରସୁଲୁଲ୍ଲାଃ ସ.ଅ ନିଜ ପରିବାର ପାଖକୁ ଫେରିଗଲେ । ମୁଁ ଆପଣଙ୍କ ପାଖକୁ ଆସିବା ନିମନ୍ତେ ଅନୁମତି ଲୋଡ଼ିଲି, ଆପଣ ମୋତେ ଅନୁମତି ପ୍ରଦାନ କଲେ । ରାତ୍ରରେ ମୁଁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲି, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ପିତାମାତା ଆପଣଙ୍କ ଉପରେ (ପାଇଁ) ଉତ୍ସର୍ଗ ହୁଅନ୍ତୁ । ଯେଉଁ ମୁଶରିକ୍‌ଠାରୁ ମୁଁ ଋଣ ନେଉଥିଲି, ସେ ମୋତେ ଏପରି ସେପରି କହୁଛି ଏବଂ ଆପଣଙ୍କ ପାଖରେ ତାହା ନାହିଁ ଯାହା ଆପଣ ସ.ଅ ମୋ ତରଫରୁ (ପାଇଁ) ଋଣ ପରିଶୋଧ କରିପାରିବେ । କାରଣ ଆପଣ ସ.ଅ କହୁଥିଲେ 'ଅମକକୁ ଦେଇଦିଅ, ସମକକୁ ଦେଇଦିଅ । ମୁଁ ଆପଣଙ୍କ ପାଇଁ ଋଣ ଆଣି ଦେଉଥିଲି ତେବେ ବର୍ତ୍ତମାନ ନା ଆପଣଙ୍କ ପାଖରେ କିଛି ଅଛି, ନା ମୋ ପାଖରେ ଅଛି । ସେ ମୋତେ ଅପମାନିତ ଓ ତିରସ୍କୃତ କରିଦେବ । ତେଣୁ ଆପଣ ସ.ଅ ମୋତେ ଅନୁମତି ଦିଅନ୍ତୁ ଯେ ମୁଁ ସେହି ମୁସଲମାନ ହୋଇଥିବା ଜନଜାତି ତଥା ସଂପ୍ରଦାୟମାନଙ୍କ ମଧ୍ୟରୁ କୌଣସି ଗୋଟିଏ ସଂପ୍ରଦାୟ ଆଡ଼କୁ ପାଖକୁ ଚାଲିଯିବି, ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ନିଜର ବାର୍ତ୍ତାବହଙ୍କୁ ଏପରି ପ୍ରଦାନ କରିଦେବେ ଯାହା ମୋ ପକ୍ଷରୁ ଋଣ ପରିଶୋଧ ହୋଇଯିବ । ସେ କୁହନ୍ତି, "ମୁଁ ବାହାରି ନିଜ ଘରେ ଯାଇ ପହଞ୍ଚିଲି । ସେଠାରୁ ଆଁହଜରତ ସ.ଅଙ୍କ ଠାରୁ ଅନୁମତି ପ୍ରାପ୍ତ କରି ମୁଁ ଘରକୁ ଆସିଲି । ମୁଁ ଘରକୁ ଆସି ମୋର ଖଣ୍ଡା, ମୋର ଥଳି, ମୋର ଜୋତା ଏବଂ ନିଜର ଢାଲକୁ ନିଜ ମୁଣ୍ଡ ପାଖରେ ରଖିଲି । ଯେମିତି ସିନ୍ଦୁରା ଫାଟିବ (ସକାଳ ହେବ) ସେମିତି ମୁଁ ଏଠାରୁ ବାହାରିଯିବି । ମୁଁ ଏହିପରି ସଂକଳ୍ପ କରିଥିଲି । ହ. ବିଲାଲ୍ ର.ଅ ସେ କୁହନ୍ତି, "ସକାଳେ ଜଣେ ବ୍ୟକ୍ତି ଦଉଡ଼ି ଆସି ମୋତେ ଡାକିଲା ଏବଂ କହୁଥିଲା ଯେ, ହେ ବିଲାଲ୍ ! ତୁମେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୁଅ ।" ହ. ବିଲାଲ୍ କୁହନ୍ତି: ମୁଁ ଜିନିଷପତ୍ର ଧରି ଯାତ୍ରା କରିବା ପରିବର୍ତ୍ତେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲି ଏବଂ ଦେଖିଲି ଯେ ଚାରୋଟି ଓଟ ସାମଗ୍ରୀରେ ଲଦା ହୋଇ ଛିଡ଼ା ହୋଇଛନ୍ତି । ମୁଁ ଯିବା ପାଇଁ ଅନୁମତି ଲୋଡ଼ିଲି ଯେ, "ହେ ଅଲ୍ଲଃଙ୍କ ବାର୍ତ୍ତାବହ ! ମୁଁ ବର୍ତ୍ତମାନ ଯାତ୍ରାରେ ବାହାରୁଛି ।" ରସୁଲୁଲ୍ଲାଃ ସ.ଅ ମୋତେ କହିଲେ: " ହେ ବିଲାଲ୍ ! ତୁମେ ଆନନ୍ଦିତ ହୋଇଯାଅ ! ଅଲ୍ଲଃ ତାଆଲା ତୁମର ଋଣ ପରିଶୋଧର ବ୍ୟବସ୍ଥା କରି ଦେଇଛନ୍ତି । ଆପଣ ସ.ଅ ପୁନଶ୍ଚ କ ହିଲେ, ହେ ବିଲାଲ୍ ! ତୁମେ କ'ଣ ସେହି ଚାରୋଟି ବସିଥିବା ଓଟକୁ ଦେଖି ନାହଁ ?" ମୁଁ କହିଲି, "କାହିଁକି ନୁହଁ ଦେଖିଛି ନା ! ଆପଣ ସ.ଅ କହିଲେ, "ସେହି ଓଟଗୁଡ଼ିକ ଏବଂ ସେମାନଙ୍କ ପିଠି ଉପରେ ଯାହା କିଛି ଲଦା ହୋଇଛି ସବୁ ତୁମର । ଅର୍ଥାତ୍ ଓଟଗୁଡ଼ିକ ମଧ୍ୟ ତୁମର ଏବଂ ସେଗୁଡ଼ିକ ଉପରେ ଥିବା ମାଲ୍ (ସମ୍ପତ୍ତି) ମଧ୍ୟ ତୁମର । ସେହି ଓଟଗୁଡ଼ିକ ଉପରେ ବସ୍ତ୍ର ଓ ଶସ୍ୟ ଅଛି, ଯାହା ଫଦକ୍‌ର ସର୍ଦ୍ଦାର ମୋତେ ଉପହାର ସ୍ୱରୂପ ପଠାଇଛନ୍ତି । ସେଗୁଡ଼ିକୁ ନିଅ ଏବଂ ନିଜର ଋଣ ପରିଶୋଧ କର ।" ହଜରତ୍ ବିଲାଲ୍ ର.ଅ କୁହନ୍ତି: "ମୁଁ ସେହିପରି ହିଁ କଲି ତା'ପରେ ମୁଁ ମସ୍‌ଜିଦ୍‌କୁ ଗଲି, ସେତେବେଳେ ରସୁଲୁଲ୍ଲାହ ସ.ଅ ମସ୍‌ଜିଦ୍‌ରେ ବିରାଜମାନ ଥିଲେ। ମୁଁ ଆପଣଙ୍କୁ ନମସ୍କାର (ସଲାମ୍) କଲି । ଆପଣ ସ.ଅ କହିଲେ,"ହେ ବିଲାଲ୍ ! ତୁମର ଯେଉଁ ସମସ୍ୟା ଥିଲା, ତା'ର କ'ଣ ହେଲା ? ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ପ୍ରତ୍ୟେକଟି ବସ୍ତୁ ଯାହାର ପରିଶୋଧ କରିବା ରସୁଲୁଲ୍ଲାଃ ସ.ଅଙ୍କ ଉପରେ ଥିଲା, ଅଲ୍ଲଃତାଆଲା ସେହି ସବୁକୁ ପରିଶୋଧ କରାଇଦେଲେ ଏବଂ ଆଉ କୌଣସି ଋଣ ବାକି ରହିଲା ନାହିଁ ।" ଆପଣ ସ.ଅ ପଚାରିଲେ: ହେ ବିଲାଲ୍ ! କ'ଣ କିଛି ବାକି ରହିଛି କି ?' ମୁଁ କହିଲି, 'ଆଜ୍ଞା ହଁ ' । ଆପଣ ସ.ଅ କହିଲେ, ଦେଖ ! ତୁମେ ମୋତେ ଏହି ଧନରୁ ମୁକ୍ତି ପ୍ରଦାନ କର, ଅର୍ଥାତ୍ ଯାହା ବାକି ଅଛି ତହିଁରୁ ମୁକ୍ତି ପ୍ରଦାନ କର ଓ ଉକ୍ତ ଅର୍ଥକୁ ଗରିବମାନଙ୍କ ମଧ୍ୟରେ ବାଣ୍ଟି ମୋତେ ଶାନ୍ତି ଦିଅ, କାରଣ ଯେପର୍ଯ୍ୟନ୍ତ ତୁମେ ଏହାକୁ ବାଣ୍ଟି ମୋତେ ଆଶ୍ୱସ୍ତି ପ୍ରଦାନ କରି ନଦେଇଛ ସେପର୍ଯ୍ୟନ୍ତ ମୁଁ ନିଜ ପରିବାର ପାଖକୁ ଯିବି ନାହିଁ । ଯେତେବେଳେ ରସୁଲୁଲ୍ଲାଃ ସ.ଅ ଇଶା ନମାଜ୍ ପାଠ କଲେ, ମୋତେ ଡାକି କହିଲେ, ହେ ବିଲାଲ୍ ! ଯେଉଁ ସମସ୍ୟାର ତୁମେ ସମ୍ମୁଖୀନ

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ହେଉଥିଲ ତା'ର କ'ଣ ହେଲା ? ଅର୍ଥାତ୍ ଯେଉଁ ଧନ ବାକି ଥିଲା, ତା'ର ବଣ୍ଟନର କ'ଣ ହେଲା ? ହଜରତ୍ ବିଲାଲ୍ ର.ଅ କୁହନ୍ତି, ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କେହି ଆମ ପାଖକୁ ନେବା ପାଇଁ ଆସିନାହାନ୍ତି, ତାହା ମୋ ପାଖରେ ସେହିପରି ପଡ଼ିରହିଛି । ରସୁଲୁଲ୍ଲାଃ ସ.ଅ ମସ୍‌ଜିଦ୍‌ରେ ହିଁ ରାତ୍ର ଯାପନ (ବିତାଇଲେ) କଲେ । ଆପଣ କହିଲେ, ଠିକ୍ ଅଛି ତେବେ ମୁଁ ମଧ ଘରକୁ ଯିବି ନାହିଁ, ମସ୍‌ଜିଦ୍‌ରେ ହିଁ ରହିବି । ତା' ପରଦିନ ଯେତେବେଳେ ଆପଣ ସ.ଅ ଇଶା ନମାଜ୍ ପାଠ କଲେ, ଆପଣ ସ.ଅ ମୋତେ ଡାକିଲେ ଏବଂ କହିଲେ, ହେ ବିଲାଲ୍ ! ତୁମ ସମ୍ମୁଖରେ ଯେଉଁ ପ୍ରସଙ୍ଗ ତଥା ସମସ୍ୟା ରହିଥିଲା ତା'ର କ'ଣ ହେଲା ? ସେ କୁହନ୍ତି, ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଅଲ୍ଲାଃତାଲା ଆପଣଙ୍କୁ ସେଥିରୁ ମୁକ୍ତି ପ୍ରଦାନ କରି ଦେଇଛନ୍ତି । ଆପଣ ସ.ଅ ଅଲ୍ଲାଃତାଲାଙ୍କ ମହିମା ଓ ପ୍ରଶଂସା ବର୍ଣ୍ଣନା କଲେ । ଅର୍ଥାତ୍ ଧନସମ୍ପତ୍ତି ସମ୍ପୂର୍ଣ୍ଣ ବଣ୍ଟା ହୋଇଯାଇଛି । ଆପଣ ଅଲ୍ଲାଃ ତାଆଲାଙ୍କ ମହିମା ଏବଂ ପ୍ରଶଂସା ଏହି ଭୟରେ କଲେ ଯେ କାଳେ ଆପଣଙ୍କ ବିୟୋଗ ସମୟ ଆସିଯିବ ଏବଂ ସେହି ଧନ ଆପଣଙ୍କ ପାଖରେ ରହି ଯାଇଥିବ ! ହଜରତ ବିଲାଲ୍ ର.ଅ କୁହନ୍ତି, ତା'ପରେ ମୁଁ ଆପଣଙ୍କ ପଛେ ପଛେ ଗଲି । ଏପର୍ଯ୍ୟନ୍ତକି ଆପଣ ସ.ଅ ନିଜର ପବିତ୍ର ପତ୍ନୀମାନଙ୍କ ପାଖକୁ ଗଲେ ଏବଂ ପ୍ରତ୍ୟେକଙ୍କୁ ସଲାମ୍ କଲେ । ତା'ପରେ ଆପଣ ସେହି ସ୍ଥାନକୁ ଆସିଲେ ଯେଉଁଠି ଆପଣ ସ.ଅ ରାତ୍ରି ଯାପନ କରିଥାଆନ୍ତେ ।" **(ସୁନନ୍ ଅବି ଦାଉଦ୍, କିତାବୁଲ୍ ଖରାଜି....., ବାବୁନ୍- ଫିଲ୍ ଇମାମି, ୟକ୍‌ବଲୁ ହଦାୟଲ୍ ମୁଶ୍ରିକିନା, ହଦୀସ୍ ନଂ- 3055)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ୍ ଉମ୍ମେ ସୁନ୍‌ବୁଲା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରିମ୍ ସ.ଅଙ୍କ ସେବାରେ ଏକ ଉପହାର ନେଇ ଉପସ୍ଥିତ ହେଲି, ତେବେ ନବୀ ସ.ଅଙ୍କ ପବିତ୍ର ପତ୍ନୀମାନେ ଉକ୍ତ ଉପହାର ଗ୍ରହଣ କରିବାକୁ ମନା କଲେ ଏବଂ କହିଲେ ଯେ ଆମେ ଉପହାର ଗ୍ରହଣ କରିବୁ ନାହିଁ । ତା'ପରେ ରସୁଲୁଲ୍ଲାଃ ସ.ଅ ଆସିଲେ ଏବଂ କହିଲେ: ହେ ମୋର ପବିତ୍ର ପତ୍ନିମାନେ ! ତୁମେମାନେ ଉମ୍ମେ ସୁନ୍‌ବୁଲାଙ୍କ ଉକ୍ତ ଉପହାରକୁ ଗ୍ରହଣ କର । କାରଣ ସେ ଆମ ଗ୍ରାମବାସୀମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଏବଂ ମୁଁ ତାଙ୍କ ସହର ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଅଟେ । ପୁନଶ୍ଚ ତା'ପରେ ଯାଇ ଆପଣ ସ.ଅ ତାଙ୍କର ଉପହାର ଗ୍ରହଣ କଲେ ଏବଂ ତାଙ୍କୁ ଅମୁକ ଅମୁକ ଉପତ୍ୟକା (ଜମି) ପ୍ରଦାନ କଲେ । ଅର୍ଥାତ୍ ସେହି ଉପହାର ମଧ ଗ୍ରହଣ କଲେ ଏବଂ ତାଙ୍କୁ ଉପହାର ସ୍ୱରୂପ ଏକ ସମ୍ପୂର୍ଣ୍ଣ ଅଞ୍ଚଳ ମଧ ଦେଇଦେଲେ । ଯେପରି ପୂର୍ବେ ମଧ ବର୍ଣ୍ଣିତ ହୋଇ ସାରିଛି, ଆପଣ ସ.ଅ ସ୍ୱଳ୍ପ ଉପହାର ବଦଳରେ ମଧ ଅସୀମ ଦାନ କରୁଥିଲେ । **(ଉସ୍‌ଦୁଲ୍ ଗାବା, ଗ୍ରନ୍ଥ ଖଣ୍ଡ-7, ପୃଷ୍ଠା- 336, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-1994 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ ସ.ଅ ହଜରତ ଜୁବୈର୍ ର.ଅଙ୍କୁ ତାଙ୍କ ଘୋଡ଼ା ଯେଉଁ ପର୍ଯ୍ୟନ୍ତ ଯାଇପାରୁଥିଲା ସେପର୍ଯ୍ୟନ୍ତ ଜମି ଜାଗୀର୍ (ମାଲିକ, ସଂପ୍ରଭୁତା) ଭାବେ ଦେବାକୁ ଆଦେଶ ଦେଲେ। ଆଁହଜରତ୍ ସ.ଅ କହିଲେ, ହେ ଜୁବୈର୍ ! ଠିକ୍ ଅଛି, ନିଜ ଘୋଡ଼ା ଦଉଡ଼ାଅ ଏବଂ ଯେଉଁଠି ଘୋଡ଼ା ପହଞ୍ଚି ରହିଯିବ (ଅଟକିଯିବ) ସେହି ସମସ୍ତ ଅଞ୍ଚଳ ତୁମର । ବିଜୟ ପରେ ବହୁତ ବଡ଼ ଅଞ୍ଚଳ ଆସି ଯାଇଥିଲା । ତେଣୁ ସେ ନିଜ ଘୋଡ଼ା ଦଉଡ଼ାଇଲେ ଏପର୍ଯ୍ୟନ୍ତକି ତାହା ଗୋଟିଏ ସ୍ଥାନରେ ଯାଇ ଅଟକିଗଲା । ଯେତେବେଳେ ସେ ଅଟକିଗଲା ସେତେବେଳେ ସେ ଆହୁରି କିଛି ଚାହୁଁଥିଲେ ଯେ ମୋତେ ଆହୁରି ମିଳିଯାଉ । ତେଣୁ ସେ ହାତରେ ଧରିଥିବା ଚାବୁକଟିକୁ ଫିଙ୍ଗିଦେଲେ । ତାହା ବହୁତ ଦୂର ପର୍ଯ୍ୟନ୍ତ ଗଲା । ତେବେ ଆପଣ ସ.ଅ କହିଲେ, ହେ ଉମର୍ ! ଜୁବୈରଙ୍କୁ ସେହି ସୀମା ପର୍ଯ୍ୟନ୍ତ (ଅର୍ଥାତ୍ ଏତେ) ଜମି ଦେଇଦିଅ ଯେଉଁ ପର୍ଯ୍ୟନ୍ତ ତାଙ୍କ ଚାବୁକ ପହଞ୍ଚିଯାଇଛି ।" ଅର୍ଥାତ୍ ଯେଉଁ ପର୍ଯ୍ୟନ୍ତ ସେ ଘୋଡ଼ାରୁ ସେହି ଚାବୁକଟିକୁ ଫିଙ୍ଗିଥିଲେ ସେହି ପର୍ଯ୍ୟନ୍ତ ଭୂମି ତାଙ୍କୁ (ଜୁବୈରଙ୍କୁ) ଦେଇଦିଅ । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଖରାଜ୍...., ଫି ଇକତାଇଲ୍ ଅର୍ଜିନା, ହଦୀସ ନଂ-3072)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ୍ ଜୁବୈର୍ ବିନ୍ ମୁତ୍‌ଇମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା (ଥରେ) ସେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯାଉଥିଲେ । ଆପଣ ସ.ଅଙ୍କ ସହିତ ଅନ୍ୟ ଲୋକମାନେ ମଧ ଥିଲେ । ଏହି ଘଟଣା ସେହି ସମୟର ଘଟଣା ଅଟେ ଯେତେବେଳେ ଆପଣ ସ.ଅ 'ହୁନୈନ୍'ରୁ ଫେରୁଥିଲେ । କେତେକ ଆରବ୍ୟ ମଫସଲିଆ ବ୍ୟକ୍ତିମାନେ ଆପଣଙ୍କୁ ଘେରିଗଲେ ଏବଂ କିଛି ମାଗିବାକୁ ଲାଗିଲେ । ସେମାନେ ଆପଣଙ୍କୁ ଏତେ ବାଧ କଲେ ଯେ ଆପଣ ସ.ଅଙ୍କୁ ଗୋଟିଏ ବବୁଲ୍ (କାଣ୍ଟାଳିଆ ବବୁଲ୍ ବୃକ୍ଷ) ଆଡ଼କୁ ହଟିବାକୁ ପଡ଼ିଥିଲା । ଏହାଦ୍ୱାରା ଆପଣଙ୍କ ଚାଦର ଗଛରେ ଅଟକିଗଲା ଏବଂ ନବୀ ସ.ଅ ମଧ ଅଟକିଗଲେ । କେତେକ ବର୍ଣ୍ଣନାରେ ଏହା ମଧ ବର୍ଣ୍ଣିତ ହୋଇଛି ଯେ ଚାଦର ଛିନ୍ଦି ହୋଇଯିବାରୁ ସେମାନେ (ମଫସଲ୍ ଲୋକମାନେ) ତାହାକୁ ଏତେ ଜୋରରେ ଟାଣିବାକୁ ଲାଗିଲେ, ଯାଦ୍ୱାରାକି ଆପଣଙ୍କ ବେକରେ ଦାଗ ମଧ ପଡ଼ିଗଲା। ଆପଣ ସ.ଅ କହିଲେ, ହେ ଲୋକମାନେ ! ତୁମେମାନେ ମୋର ଚାଦର ଦେଇଦିଅ । ଯଦି ମୋ ପାଖରେ ଏହି କଣ୍ଟାଳିଆ ବୁଦା ଗଛଗୁଡ଼ିକ ସଂଖ୍ୟା ପରି ଗୋରୁ, ମହିଷାଦି ପଶୁ ଥାଆନ୍ତେ, ତେବେ ମୁଁ ନିଶ୍ଚିତ ଭାବେ ସେମାନଙ୍କୁ ତୁମମାନଙ୍କ ମଧ୍ୟରେ ବାଣ୍ଟି ଦେଇଥାଆନ୍ତି ଏବଂ ତୁମେ ମୋତେ କେବେହେଲେ କୃପଣ, ମିଥ୍ୟାବାଦୀ କିମ୍ବା ଭୀରୁ (କାପୁରୁଷ) ପାଇନଥାନ୍ତ ।" **(ସହିହୁଲ୍ ବୁଖାରୀ, ଅନୁବାଦକ୍, ବାବ୍- ଅଶ୍ ଶୁଜାଅତୁ ଫିଲ୍ ହର୍ବି ୱଲ୍ ଜୁବ୍‌ନି, ହଦିସ୍ ନଂ-2821, ଗ୍ରନ୍ଥଖଣ୍ଡ-5, ପୃ-185, ପ୍ରକାଶକ- ନଜାରତ୍ ଇଶାଅତ୍, ରବା) (ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9, ପୃ-352-353, ମକ୍‌ତବା ଦାରୁସ୍ ସଲାମ୍, ଅର୍ ରିୟାଜ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣା ସଂପର୍କରେ ବର୍ଣ୍ଣନା କରି ହଜରତ ମୁସ୍‌ଲେହ ମଉଦ୍ ର.ଅ ଉଲ୍ଲେଖ କରିଛନ୍ତି ଯେ, ମକ୍କା ବିଜୟ ଏବଂ ହୁନୈନ୍ ଯୁଦ୍ଧରୁ ମୁକ୍ତ ହେବା ପରେ, ପରାଜିତ ଶତ୍ରୁମାନଙ୍କ ଜରିମାନା ଏବଂ ଯୁଦ୍ଧ କ୍ଷେତ୍ରରେ ଛାଡ଼ିଯାଇଥିବା ଜିନିଷରୁ ଏକାଠି ହୋଇଥିଲା, ନିୟମାନୁସାରେ ରସୁଲୁଲ୍ଲାଃ ସ.ଅ ତାହାକୁ ଇସ୍‌ଲାମୀୟ ସୈନ୍ୟ ମଧ୍ୟରେ ବାଣ୍ଟିବାର ଥିଲା । କିନ୍ତୁ ଏହି ଅବସରରେ ଆପଣ ସେହି ସମ୍ପତ୍ତିକୁ ମୁସଲମାନମାନଙ୍କ ମଧ୍ୟରେ ବାଣ୍ଟିବା ବଦଳରେ ମକ୍କା ଏବଂ ଆଖପାଖରେ ଥିବା ଲୋକଙ୍କ ମଧ୍ୟରେ ବାଣ୍ଟିଦେଲେ । ସେହି ଲୋକଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ବିଶ୍ୱାସ ସୃଷ୍ଟି ହୋଇ ନଥିଲା । ଅନେକ ଲୋକମାନେ ବର୍ତ୍ତମାନ ସୁଦ୍ଧା ଅବିଶ୍ୱାସକାରୀ ଥିଲେ ଏବଂ ଯେଉଁମାନେ ମୁସଲମାନ ଥିଲେ ସେମାନେ ମଧ ନୂଆ ନୂଆ ମୁସଲମାନ ହୋଇଥିଲେ। ଏହା ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ରୂପେ ନୂଆ କଥା ଥିଲା ଯେ ଗୋଟିଏ ଜାତି ନିଜର ସମ୍ପତ୍ତି ଅନ୍ୟ ଲୋକଙ୍କ ମଧ୍ୟରେ ବାଣ୍ଟୁଛି । ସେହି ସମ୍ପତ୍ତି ବଣ୍ଟନ ପରିବର୍ତ୍ତେ ସେମାନଙ୍କ ହୃଦୟରେ ପୁଣ୍ୟ ଓ ଧର୍ମପରାୟଣତା ସୃଷ୍ଟି ହେବା ଲୋଭ ଆହୁରି ବୃଦ୍ଧି ପାଇଲା । ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ଚାରିପାଖରେ ଘେରିଗଲେ ଏବଂ ଅଧିକ ଦାବି କରିବା ସହିତ ଆପଣ ସ.ଅଙ୍କୁ ହଇରାଣ କରିବା ଆରମ୍ଭ କରିଦେଲେ । ଏପର୍ଯ୍ୟନ୍ତକି ସେମାନେ ଆପଣ ସ.ଅଙ୍କୁ ଠେଲି ଠେଲି ଗୋଟିଏ ଗଛ ପାଖକୁ ନେଇଗଲେ ଏବଂ ଜଣେ ବ୍ୟକ୍ତି ଆପଣଙ୍କ କାନ୍ଧରେ ଥିବା ଚାଦରକୁ ଧରି ଏପରି ଜୋରରେ ମୋଡ଼ିବାକୁ ଲାଗିଲା ଯେ ଆପଣଙ୍କ ଶ୍ୱାସରୁଦ୍ଧ ହେବାକୁ ଲାଗିଲା । ଆପଣ ସ.ଅ କହିଲେ: "ହେ ଲୋକମାନେ! ଯଦି ମୋ ପାଖରେ ଆହୁରି କିଛି ଥାଆନ୍ତା ତେବେ ତାହା ମଧ ମୁଁ ତୁମମାନଙ୍କୁ ଦେଇ ଦେଇଥାଆନ୍ତି । ତୁମେ ମୋତେ କେବେହେଲେ କୃପଣ କିମ୍ବା ଭୀରୁ ପାଇବ ନାହିଁ। ପୁନଶ୍ଚ ତା'ପରେ ଆପଣ ନିଜର ଓଟ ପାଖକୁ ଗଲେ, ତା'ର ଏକ କେଶ ଛିଣ୍ଡାଇ ଉପରକୁ ଟେକି କହିଲେ: "ହେ ଲୋକମାନେ ! ମୋତେ ତୁମମାନଙ୍କ ସମ୍ପତ୍ତିରୁ ଏହି କେଶ ତୁଲ୍ୟ ଜିନିଷର ଆବଶ୍ୟକତା ନାହିଁ । କିନ୍ତୁ ମୋତେ କେବଳ ପଞ୍ଚମାଂଶ ଦରକାର ଯାହା ଆରବର ନିୟମାନୁସାରେ ସରକାରଙ୍କ ଭାଗ ଅଟେ । ସେହି ପଞ୍ଚମାଂଶ ମଧ ମୁଁ ନିଜ ପାଇଁ ଖର୍ଚ୍ଚ କରେ ନାହିଁ, ବରଂ ତାହା ମଧ ତୁମମାନଙ୍କ କାମରେ ହିଁ ବ୍ୟୟ କରାଯାଇଥାଏ। ମନେରଖ ! ବିଶ୍ୱାସଘାତକ କରୁଥିବା ମଣିଷ ପ୍ରଳୟ ଦିବସ ଦିନ ଅଲ୍ଲାଃଙ୍କ ସମ୍ମୁଖରେ ଏହି ଖୟାନତ୍ (ବିଶ୍ୱାସଘାତକତା) ଯୋଗୁଁ ଅପମାନିତ ଓ ତିରସ୍କୃତ ହେବ ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣା ସଂପର୍କରେ ବର୍ଣ୍ଣନା ତଥା ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ୍ ର.ଅ ଉଲ୍ଲେଖ କରିଛନ୍ତି ଯେ, ଏହି ଘଟଣାର ବର୍ଣ୍ଣନା କରି ମନ୍ତବ୍ୟ ଦେଇ ସେ ଆଗକୁ ଲେଖିଛନ୍ତି ଯେ, ଲୋକମାନେ କୁହନ୍ତି ଯେ, "ନାଉଜୁବିଲ୍ଲାଃ ମୁହମ୍ମଦ ସ.ଅ ସମ୍ରାଟତ୍ୱ ପଦର ଅଭିଳାଷୀ ଥିଲେ । କ'ଣ ରାଜା ଏବଂ ସାଧାରଣ ପ୍ରଜାଙ୍କ ସମ୍ପର୍କ ଏପରି ହୋଇଥାଏ ? କାହାର ଏପରି ସାହସ ଅଛି ଯେ, ରାଜାଙ୍କୁ ଏପରି ଠେଲି ଠେଲି ନେଇଯିବ ଏବଂ ତାଙ୍କ ଗଳାରେ ଚାଦର ପକାଇ ଶ୍ୱାସରୁଦ୍ଧ କରିବ ? ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କ ବ୍ୟତୀତ ଏପରି ଉଦାହରଣ ଆଉ କିଏ ଦେଖାଇପାରିବ?" **(ଦୀବାଚା ତଫସୀରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20 ପୃ -357-358)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କୁ ତବୁକ୍ ଯୁଦ୍ଧରେ ଗୋଟିଏ ସୁନ୍ଦର ଘୋଡ଼ା ମିଳିଥିଲା, ଯାର ଡାକ (ସ୍ୱର) ଆପଣଙ୍କୁ ବହୁତ ଭଲ ଲାଗୁଥିଲା । ପୁନଶ୍ଚ ଆପଣ ସ.ଅଙ୍କୁ ଜଣେ ଅନ୍‌ସାରୀ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! "ମୋର ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ ! ଆପଣ ସ.ଅ ଏହି ଘୋଡ଼ା ମୋତେ ଦାନ କରନ୍ତୁ ।" ଆପଣ ସ.ଅ କହିଲେ, ଆଚ୍ଛା ହଉ ଏହା ତୁମର ହେଲା।"**(ଶର୍ଫୁଲ୍ ମୁସ୍ତାଫା, ଭାଗ-3, ପୃ-299, ଯାମେ ଅବ୍‌ୱାବୁ ମା କାନା ଲିନ୍ ନବୀ ସ.ଅ, ମିନଲ୍ ଅଜ୍‌ୱାଜି ୱଲ୍ ଇମ୍‌ତାଅ, ଫସ୍‌ଲୁ: ଜିକ୍ରୁ ଶୈଲି ରସୁଲୁଲ୍ଲାଃ ସ.ଅ, ହଦୀସ୍ ନଂ-1040, ଦାରୁଲ୍ ବଶାଏରୁଲ୍ ଇସଲାମିୟାହ୍, ପ୍ରଥମ ସଂସ୍କରଣ-2003 ମସିହା)**

ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

ଅନୁବାଦ: ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon,
Dist- Cuttack, (Odisha)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ନିଜର ସେହି ଅସୁସ୍ଥତା, ଯହିଁରେ ଆପଣ ସ.ଅଙ୍କ ବିୟୋଗ ହେଲା କହିଲେ, "ହେ ଆଏଶା ! ସେହି ସୁନାର କ'ଣ ହେଲା ?" ସେ ଅର୍ଥାତ୍ ହ. ଆଏଶା ର.ଅ ଘରେ ଥିବା ସୁନାର ପାଞ୍ଚ, କିମ୍ବା ସାତଟି କିମ୍ବା ଆଠ-ନଅଟି ମୁଦ୍ରା ଆପଣଙ୍କ ସେବାରେ ନେଇ ଆସିଲେ । ଆପଣ ସ.ଅ ସେହି ମୁଦ୍ରାଗୁଡ଼ିକୁ ନିଜ ହାତରେ ଓଲଟ ପାଲଟ କରି କହିଲେ, "ମୁହମ୍ମଦ ସ.ଅଙ୍କ ସଂପର୍କରେ (ପ୍ରତି) ଅଲ୍ଲାଃତାଆଲାଙ୍କ କେଉଁ ଧାରଣା ହେବ ଯ, ସେ ଅର୍ଥାତ୍ ମୁହମ୍ମଦ୍ ସ.ଅ ଅଲ୍ଲାଃଙ୍କୁ ଭେଟିବ ଏବଂ ଏହି ସୁନା ତାଙ୍କ ପାଖରେ ଥିବ ! ହେ ଆଏଶା ! ତୁମେ ଏହାକୁ (ମୁଦ୍ରାକୁ) ଖର୍ଚ୍ଚ କରିଦିଅ (ବାଣ୍ଟିଦିଅ) ।" **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-53, ମସ୍‌ନଦ୍ ଆଏଶା ର.ଅ, ହଦିସ୍ ନଂ- 24276, ଆଲିମୁଲ୍ କୁତୁବ୍, ବୈରୁତ୍, 1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ ମସିହ୍ ମଉଦ୍ ଅ.ସ. ଏକ ସ୍ଥାନରେ କୁହନ୍ତି: "ଏକଦା ଆଁହଜରତ ସ.ଅ ନିଜ ଘରେ ଆସି ପଚାରିଲେ, ହେ ଆଏଶା ! ଆମ ଘରେ କ'ଣ ଅଛି ? ହ. ଆଏଶା ର.ଅ ଦୁଇଟି ସ୍ୱର୍ଣ୍ଣ ମୁଦ୍ରା (ଅଶ୍ରଫୀ) ବାହାର କରି ଦେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବାସ୍ ଏତିକି ହିଁ ଅଛି । ଆଁହଜରତ୍ ସ.ଅ ତାହାକୁ ନିଜ ପାପୁଲିରେ ରଖିନେଲେ ଏବଂ କହିଲେ, ସେହି ନବୀଙ୍କ ଅବସ୍ଥା କ'ଣ ହେବ ଯିଏ ନିଜ ପଛରେ ଦୁଇଟି ସ୍ୱର୍ଣ୍ଣ ମୁଦ୍ରା ଛାଡ଼ିଯାଏ । ପୁନଶ୍ଚ ଆଁହଜରତ୍ ସ.ଅ ସେହି ମୁହୂର୍ତ୍ତରେ ହିଁ ଉକ୍ତ ସ୍ୱର୍ଣ୍ଣମୁଦ୍ରା ବାଣ୍ଟିଦେଲେ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃଷ୍ଠା- 281, ସଂସ୍କରଣ ବର୍ଷ-2022)

ହୁନୈନ୍ ଯୁଦ୍ଧର ମାଲେ ଗନିମତ୍‌ର (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ) ବିବରଣୀ:

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହୁନୈନ୍ ଯୁଦ୍ଧର ମାଲେ ଗନିମତ୍‌ର (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ) ସଂପର୍କରେ ବର୍ଣ୍ଣିତ ହୋଇଛି ଯେ, ସେଠାରେ ଗନୀମତ୍ ସମ୍ପତ୍ତିରେ 6000 ଦାସ-ଦାସୀମାନେ ମିଳିଥିଲେ । କେତେକ ବର୍ଣ୍ଣନାରେ 8000 ମଧ୍ୟ ବର୍ଣ୍ଣନା କରାଯାଇଥଏ) । 24000 ଓଟ ମିଳିଲା । 40000ରୁ ଉର୍ଦ୍ଧ୍ୱ ଛେଳୀ-ମେଣ୍ଢା ଏବଂ 4000 ଔକିୟା ରୂପା ଯାହା ପ୍ରାୟ 490 କିଲୋଗ୍ରାମ ହେବ ମିଳିଥିଲା । ଗୋଟିଏ ଔକିୟାହ୍ ସାଢ଼େ ଦଶ ଭରି ସହିତ ସମାନ ଅଟେ । ଆପଣ ସ.ଅ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନ ସମ୍ପତ୍ତି) ବାଣ୍ଟିବା ଯେତେବେଳେ ଆରମ୍ଭ କଲେ ସେତେବେଳେ 'ତାଲୀଫ୍-ଏ-କଲ୍‌ବ' (ଅର୍ଥାତ୍ ହୃଦୟ ଜିଣିବା)ରୁ ଆରମ୍ଭ କଲେ । ଏମାନେ ଆରବର ବଡ଼ ଲୋକ ଥିଲେ ଏବଂ ନିଜ ନିଜ ସଂପ୍ରଦାୟରେ ସମ୍ମାନସ୍ପଦ ଓ ମର୍ଯ୍ୟାଦାର ଅଧିକାରୀ ଥିଲେ । ଆପଣ ସ.ଅ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଉପହାର ଦେଲେ । ଆପଣ ସେମାନଙ୍କ ମଧ୍ୟରୁ କାହାକୁ 100ଟି ଓଟ, ତ' ଆଉ କାହାକୁ 50 ଟି ଓଟ ଦେଲେ । ମାଲେ ଗନିମତ୍‌ରେ ରୂପା ଏବଂ ଦାସ ଏହା ବ୍ୟତୀତ ଥିଲା । ଆଁହଜରତ୍ ସ.ଅ ଅବୁ ସୁଫିୟାନ୍ ବିନ୍ ହର୍ବଙ୍କୁ 100ଟି ଓଟ ଦେଲେ । ଅବୁ ସୁଫିୟାନ୍ ଯେତେବେଳେ ଆପଣଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣଙ୍କ ସମ୍ମୁଖରେ ରୂପାର ସ୍ତୂପ ଦେଖି କହିବାକୁ ଲାଗିଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ତ' କୁରୈଶ୍‌ମାନଙ୍କ ମଧ୍ୟରେ ସବୁଠାରୁ ଧନୀ ହୋଇଗଲେ ? ଆପଣ ସ.ଅ ସ୍ମିତହାସ୍ୟ ପ୍ରକାଶ କରି ଅବୁ ସୁଫିୟାନ୍‌ଙ୍କୁ 40 ଔକିୟାହ୍ ରୂପା ଏବଂ 100ଟି ଓଟ ଦେଲେ । ଅବୁ ସୁଫିୟାନ୍ କହିଲା: " ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋ ପୁଅ ୟଜୀଦ୍‌କୁ ମଧ୍ୟ କିଛି ପ୍ରଦାନ କରନ୍ତୁ।" ଆପଣ ତାଙ୍କ ପାଇଁ ମଧ୍ୟ 40 ଔକିୟାହ୍ ରୂପା ଏବଂ 100ଟି ଓଟ ଦେବାକୁ ଆଦେଶ ଦେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ୟଜୀଦ୍ ଅବୁ ସୁଫିୟାନ୍‌ଙ୍କ ପୁଅ ଥିଲା । କୁଖ୍ୟାତ ଯୁଗରେ ଅଭିହିତ ୟଜୀଦ୍ ଯାହା ସଂପର୍କରେ କୁହାଯାଏ ସେ ଅବୁ ସୁଫିୟାନ୍‌ଙ୍କ ପୁତ୍ର ନୁହନ୍ତି ବରଂ ସେ ଆବୁ ସୁଫିୟାନ୍‌ଙ୍କ ନାତି ଓ ହଜରତ ମୁଆୱିୟାହଙ୍କ ପୁଅ ଥିଲା । ସେ ଯାହାହେଉ ଆବୁ ସୁଫିୟାନ୍ କହିବାକୁ ଲାଗିଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଅନ୍ୟ ପୁଅ ମୁଆୱିୟାହଙ୍କୁ ମଧ୍ୟ କିଛି ଦିଅନ୍ତୁ ।" ଆପଣ ସ.ଅ ତାଙ୍କ ପାଇଁ ମଧ୍ୟ 40 ଔକିୟା ରୂପା ଏବଂ 100ଟି ଓଟ ଦେବାକୁ ଆଦେଶ ଦେଲେ । ଫଳତଃ ଅବୁ ସୁଫିୟାନ୍ କହିବାକୁ ଲିଗଲେ, "ମୋର ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ ! ଆପଣ ସ.ଅ କରୀମ୍ ଅଟନ୍ତି ଅର୍ଥାତ୍ ଅତ୍ୟନ୍ତ ମହାନ୍ ତଥା ଉଦାର ଅଟନ୍ତି । ମୁଁ ଆପଣଙ୍କ ସହିତ ଯୁଦ୍ଧ କରିଛି ଏବଂ ଆପଣ କିପରି ଉତ୍ତମ ଯୋଦ୍ଧା ଅଟନ୍ତି ! ପୁନଶ୍ଚ ମୁଁ ଆପଣ ସ.ଅଙ୍କ ସହିତ ସନ୍ଧି ସ୍ଥାପନ କରିନେଲି ଏବଂ ଆପଣ କିପରି ଉତ୍ତମ ସନ୍ଧି ସ୍ଥାପନକାରୀ ଅଟନ୍ତି ? ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।" **(ଶରହୁଲ୍ ଅଲ୍ଲାମା ଜର୍କାନୀ, ଗ୍ରନ୍ଥ ଖଣ୍-4, ପୃଷ୍ଠା18-19)(ସବ୍‌ଲୁଲ୍ ହୁଦା, ଗ୍ରନ୍ଥଖଣ୍ଡ-5, ପୃ-396, ଦାଏରାହ୍, ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-289, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ହୁନୈନ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-217) (ଜୀବନୀ ଶବ୍ଦକୋଷ, ଔକିୟାହ୍ ଶବ୍ଦ, ପୃ49)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣଙ୍କ ଦାନ ଓ ଉଦାରତାରୁ ଉପକୃତ ହୋଇଥିବା ଲୋକଙ୍କ ମଧ୍ୟରୁ ମକ୍କାର ସଫ୍‌ୱାନ୍ ବିନ୍ ଉମୈୟାହ୍ ନାମକ ଜଣେ ଅଧିପତି ମଧ୍ୟ ଅନ୍ୟତମ ବ୍ୟକ୍ତି ଥିଲେ । ଏହି ସଫ୍‌ୱାନ୍ ସେହି ବ୍ୟକ୍ତି ଥିଲେ ଯାହାଙ୍କ ଠାରୁ ଆପଣ ସ.ଅ ହୁନୈନ୍ ଯୁଦ୍ଧ ପାଇଁ ଲୌହ କବଚ ଓ ଅସ୍ତ୍ରଶସ୍ତ୍ର ଧାର ନେଇଥିଲେ ଏବଂ ଅର୍ଥାତ୍ ସେ ମୁଶରିକ୍ ଥିବା ଅବସ୍ଥାରେ ହିଁ ହୁନୈନ୍ ଯୁଦ୍ଧରେ ସାମିଲ ହୋଇଥିଲେ । କିନ୍ତୁ ଏହି ଯୁଦ୍ଧରେ ହିଁ ତାଙ୍କ ହୃଦୟ ପରିବର୍ତ୍ତନ ହେବାକୁ ଲାଗିଲା । ଯେତେବେଳେ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନ ରତ୍ନ) ବଣ୍ଟନର ସମୟ ଆସିଲା ସେତେବେଳେ ଆପଣ ସ.ଅ ତାଙ୍କୁ 100ଟି ଓଟ ପ୍ରଦାନ କଲେ, ଏବଂ ସହି ମୁସଲିମ୍‌ର ବର୍ଣ୍ଣନା ଅନୁସାରେ ଆଁହଜରତ୍ ସ.ଅ ତାଙ୍କୁ 300ଟି ଓଟ ପ୍ରଦାନ କଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ, ସେହି ଦିନମାନଙ୍କରେ ନବୀ କରିମ୍ ସ.ଅ ଗୋଟିଏ ଉପତ୍ୟକା ଦେଇ ଯାଉଥିଲେ, ଯେଉଁଠି ମାଲେ ଗନିମତ୍‌ର ଓଟ ଓ ଛେଳିଗୁଡ଼ିକ ରହିଥିଲେ ଏବଂ ସମ୍ପୂର୍ଣ୍ଣ ଉପତ୍ୟକାଟି ଛେଳୀ ଏବଂ ଓଟ ଦ୍ୱାରା ପରିପୂର୍ଣ୍ଣ ଥିଲା । ସଫ୍‌ୱାନ୍ ଏତେ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇ ଦେଖିବାକୁ ଲାଗିଲେ । ତେବେ ଆପଣ ସ.ଅ କହିଲେ, "ହେ ଅବୁ ୱହବ୍ ! (ସଫୱାନ୍‌ଙ୍କ ଗୋତ୍ର (ଡାକନାମ)), ଏହି ଉପତ୍ୟକା ତୁମକୁ ଆଶ୍ଚର୍ଯ୍ୟଚକିତ କରୁଛି କି ? ସେ କହିଲେ, ଆଜ୍ଞା ହଁ । ଆପଣ ସ.ଅ କହିଲେ, ହେ ସଫୱାନ୍ ! ଏହି ସମସ୍ତ ଧନ ବର୍ତ୍ତମାନ ତୁମର, ହେଲା, ତୁମେ ନେଇଯାଅ ।" ସଫ୍‌ୱାନ୍ ଅନାୟାସରେ (ସହସା) କହି ଉଠିଲେ ଯେ, ମୁଁ ସାକ୍ଷୀ ଦେଉଛି ଯେ, ଆପଣ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । କାରଣ ଏପରି ଦାନ କେବଳ ଜଣେ ନବୀ ହିଁ କରିପାରିବ ।"

ହୁଜୁର୍ ଅନୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ସଫ୍‌ୱାନ୍ ବିନ୍ ଉମୈୟା ନିଜେ ବର୍ଣ୍ଣନା କରନ୍ତି ଯେ, "ଆଁହଜରତ୍ ସ.ଅ ମୋତେ ହୁନୈନ୍‌ର ମାଲେ ଗନୀମତ୍ ଦେଉଥାନ୍ତି, ଯାହାର ପରିଣାମ ଏହା ହେଲା ଯେ, ପୂର୍ବରୁ ଆପଣ ସ.ଅ ସମଗ୍ର ସୃଷ୍ଟି ମଧ୍ୟରେ ମୋ ପାଇଁ ସବୁଠୁ ଅଧିକ ଅପ୍ରିୟ ବ୍ୟକ୍ତିତ୍ୱ ଥିଲେ । ପୁନଶ୍ଚ ପରେ ଆପଣ ସ.ଅ ମୋତେ ସମଗ୍ର ସୃଷ୍ଟି ମଧ୍ୟରୁ ମୋର ସର୍ବାଧିକ ପ୍ରିୟ ହୋଇଗଲେ ।"ଅତଏବ୍ ମୋଟାମୋଟି ଭାବେ ଆପଣ ସ.ଅ ଆରବର ବିଭିନ୍ନ ସର୍ଦ୍ଦାର(ଅଧିପତି)ମାନଙ୍କୁ ମାଲେ ଗନିମତ୍ ପ୍ରଦାନ କରୁଥିଲେ, ସେହି ସର୍ଦ୍ଦାର ତଥା ଅଧିପତିମାନଙ୍କ ସଂଖ୍ୟା 50 ରୁ ଉର୍ଦ୍ଧ୍ୱ ବୋଲି କୁହାଯାଏ । **(ସହି ମୁସ୍‌ଲିମ୍, କିତାବୁଲ୍ ଫଜାଇଲି, ବାବ୍- ଫି ସଖାଇହି ସ.ଅ ହଦିସ୍ ନଂ-2313, ଦାଏରାହ୍ ମାଆରିଫ୍, ଆଁହଜରତ୍ ସ.ଅଙ୍କ ଜୀବନୀ, ଗ୍ରନ୍ଥଖଣ୍ଡ-9, ପୃ-236-237, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଶରହୁଜ୍ ଜର୍କାନୀ, ଗ୍ରନ୍ଥଖଣ୍ଡ-4, ପୃ-21, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9, ପୃ-341, ମକ୍‌ତବା ଦାରୁସ୍ ସଲାମ୍ ଅର୍ ରିୟାଜ୍, ସବ୍‌ଲୁଲ୍ ହୁଦା, ଗ୍ରନ୍ଥଖଣ୍ଡ-5, ପୃ-396, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହଜରତ୍ ମସିହ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି: "ଆପଣଙ୍କ ସ.ଅ ପାଖରେ ଗୋଟିଏ ଅବସରରେ ବହୁତ ଗୁଡ଼ିଏ ଛେଳି ମେଣ୍ଢା ଥିଲା । ଜଣେ ଅବିଶ୍ୱାସକାରୀ ବ୍ୟକ୍ତି କହିଲା, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅଙ୍କ ପାଖରେ ଏତେ ସଂଖ୍ୟକ ଛେଳି ମେଣ୍ଢା ଅଛନ୍ତି ଯାହା କୈସର୍ ଓ କିସ୍ରା (ରୋମ୍ ଓ ପାରସ୍ୟର ସମ୍ରାଟ)ଙ୍କ ପାଖରେ ମଧ୍ୟ ନଥିବ । ଆପଣ ସ.ଅ ସବୁଯାକ ତାକୁ ଦାନ କରିଦେଲେ। ସେ ସଙ୍ଗେ ସଙ୍ଗେ ବିଶ୍ୱାସ ନେଇ ଆସିଲା ଏବଂ ଇସ୍‌ଲାମ ଧର୍ମ ଗ୍ରହଣ କରିନେଲା। ସେ ଏହା କହିଲା, ଯେ ନବୀଙ୍କ ବ୍ୟତୀତ ଆଉ କେହି ଏପରି ମହାନ୍ ଉଦାରତା ଓ ବଦାନ୍ୟତା ପ୍ରଦର୍ଶନ କରିପାରିବ ନାହିଁ ।" **(ମଲ୍‌ଫୁଜାତ୍, ଖଣ୍ଡ-2, ପୃଷ୍ଠା- 425)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହାହେଉ, ଏହା ପରେ ଆଁହଜରତ୍ ସ.ଅ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କୁ ବାକି (ଅନ୍ୟ) ଲୋକମାନଙ୍କୁ ଡାକିବାକୁ ଆଦେଶ ଦେଲେ ଏବଂ ମାଲେ ଗନିମତ୍‌ରୁ ଯାହା ଅବଶିଷ୍ଟ ଥିଲା ତାହା ସେମାନଙ୍କ ମଧ୍ୟରେ ବାଣ୍ଟିଦେଲେ। ପ୍ରତ୍ୟେକଙ୍କ ଭାଗରେ 4ଟି ଲେଖାଏଁ ଓଟ କିମ୍ବା 40ଟି ଲେଖାଏଁ ଛେଳି ଆସିଲା ଏବଂ ଏହିପରି ଭାବେ ଆପଣ ସ.ଅ ସେହି ମାଲେ ଗନିମତ୍‌କୁ ଯାହାକି ଏପର୍ଯ୍ୟନ୍ତ ସର୍ବାଧିକ ମାଲେ ଗନିମତ୍ ଥିଲା ତାହାକୁ ଆପଣ ସ.ଅ ସମ୍ପୂର୍ଣ୍ଣ ରୂପେ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଜୀବନୀର ଏହି ପକ୍ଷଟି ବିଚାରଯୋଗ୍ୟ ଅଟେ । କାରଣ ବିରୋଧୀମାନେ ଆପଣ ସ.ଅଙ୍କ ଓ ଆପଣ ସ.ଅଙ୍କ ଯୁଦ୍ଧ ସଂପର୍କରେ ଏହି ଆରୋପ ଲଗାନ୍ତି ଯେ, ମୁସଲମାନମାନେ ଗରିବ ଓ ଧନ ସମ୍ପତ୍ତିରୁ ବଞ୍ଚିତ ଥିଲେ, ତେଣୁ ଯୁଦ୍ଧ ଆରମ୍ଭ କରାଗଲା । ଯଦି ଏହି କଥାରେ ଟିକିଏ

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହେଲେ ବି ସତ୍ୟସତ୍ୟ (ସତ୍ୟତା) ଥାଆନ୍ତା, ତେବେ ହୁନୈନ୍ ଯୁଦ୍ଧର ମାଲେ ଗନିମତ୍ ବଣ୍ଟନ ଅନ୍ୟ ଶୈଳୀରେ ହୋଇଥାଆନ୍ତା । କିନ୍ତୁ ଏଠାରେ ଆମେ ଏହା ଦେଖୁ ଯେ ମାଲେ ଗନିମତ୍‌ର ଏକ ବୃହତ୍ ଭାଗ 'ତାଲୀଫ୍-ଏ-କଲ୍‌ବ' (ହୃଦୟ ଆକୃଷ୍ଟ କରିବା, ମନ ଜିଣିବା, ମନ ରଖିବା) ପାଇଁ ଅନ୍ୟମାନଙ୍କୁ ଦିଆଗଲା । କୁରୈଶ୍‌ର ଧନୀକମାନଙ୍କୁ କେବଳ ମାଲେ ଗନିମତ୍ ଦିଆଗଲା ନାହିଁ ବରଂ କେତେକ ବର୍ଣ୍ଣନାନୁସାରେ ସମ୍ପୂର୍ଣ୍ଣ ସମ୍ପତ୍ତି ଅନ୍ୟ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । **(ଶରହୁଲ୍ ଜର୍କାନୀ, ଗ୍ରନ୍ଥଖଣ୍ଡ-4, ପୃ-27, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ହୁନୈନ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-270) (ଜୀବନୀ ଶବ୍ଦକୋଷ, ଔକିୟାହ୍ ଶବ୍ଦ, ପୃ49) (ଦାଏରାହ୍ ମାଆରିଫ୍, ଆଁହଜରତ୍ ସ.ଅଙ୍କ ଜୀବନୀ, ଗ୍ରନ୍ଥଖଣ୍ଡ-9, ପୃ-289,322-323) (ସିରତୁନ୍ ନବୀ ସ.ଅ, ଲେଖକ-ଶିବ୍‌ଲୀ ନୁମାନୀ, ଭାଗ-1, ପୃ-396, ଭାଗ-4, ପୃ247, ମକ୍‌ତବା ଇସ୍‌ଲାମିୟାହ୍-2012 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯଦିଓ ତହିଁରେ ଅନ୍ୟ କେତେକ ରହସ୍ୟଜନିତ ଉଦ୍ଦେଶ୍ୟ ମଧ୍ୟ ଥିବ, କିନ୍ତୁ ସାରା ଦୁନିଆ ଦେଖିଲା ଯେ ଆପଣ ସ.ଅ ନିଜ ପାଇଁ କିଛି ବି ରଖିଲେ ନାହିଁ ବରଂ ନିଜର ପ୍ରାଣୋତ୍ସର୍ଗୀ ଏବଂ ବିଶ୍ୱସ୍ତ ସାଥି ଦେବାକୁ ପ୍ରସ୍ତୁତ ସାଥୀ ଅର୍ଥାତ୍ ମଦିନାର ଅନ୍‌ସାରମାନଙ୍କୁ ଏହି ମାଲେ ଗନିମତ୍‌ରୁ କିଛି ଦେଲେ ନାହିଁ କିମ୍ବା ବହୁତ କମ୍ ଦେଲେ । ହୁନୈନ୍ ଯୁଦ୍ଧ ଦିନ ଜଣେ ମହିଳା ଆସିଲେ ଏବଂ ସେ କେତେକ କବିତା ପଢ଼ିଲେ, ଯହିଁରେ ସେ ହୱାଜିନ୍ ସଂପ୍ରଦାୟରେ ଆପଣ ସ.ଅଙ୍କ ଶୈଶବାବସ୍ଥା ସ୍ତନ୍ୟପାନ ଦିନଗୁଡ଼ିକର ଚର୍ଚ୍ଚା କଲେ । ଅତଏବ୍ ଆପଣ ସ.ଅ ହୱାଜିନ୍ ଲୋକଙ୍କମାନଙ୍କ ଠାରୁ ନିଆଯାଇଥିବା ଅର୍ଥ ଫେରସ୍ତ କରିଦେଲେ ଏବଂ ସେହି ଲୋକମାନଙ୍କୁ ଏତେ ଅଧିକ ଦେଲେ ଯେ, ଯେତେବେଳେ ତାହାର ମୂଲ୍ୟ ଆକଳନ କରାଗଲା ସେତେବେଳେ ତାହା 5 ଲକ୍ଷ ଦିର୍‌ହମ୍ ତୁଲ୍ୟ ଥିଲା । ଇବ୍‌ନେ ଦିହ୍‌ୟା କୁହନ୍ତି, ଏହା ବଦାନ୍ୟତା ଓ ଉଦାରତାର ଶେଷ ସୀମା ଅଟେ । ଏପରି ଉଦାରତା ସଂପର୍କରେ କେବେ ବି ଶୁଣାଯାଇ ନାହିଁ । **(ସୁବ୍‌ଲୁଲ୍ ହୁଦା ୱର୍-ରଶ୍ଶାଦ୍, ଖଣ୍ଡ-7, ପୃଷ୍ଠା-51, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ହୱାଜିନ ସଂପ୍ରଦାୟର ପ୍ରତିନିଧିମାନେ ମୁସଲମାନ ହୋଇ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲେ ଏବଂ ସେମାନେ ରସୁଲୁଲୁଲ୍ଲାଃ ସ.ଅଙ୍କୁ ଅନୁରୋଧ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେମାନଙ୍କର ଧନ ସମ୍ପତ୍ତି ଓ ସେମାନଙ୍କର ବନ୍ଦୀମାନଙ୍କୁ ଫେରାଇ ଦିଆଯାଉ । ରସୁଲୁଲ୍ଲାଃ ସ.ଅ ଛିଡ଼ା ହେଲେ ଏବଂ କହିଲେ: "ସତ୍ୟ କଥା ମୋର ଅତି ପ୍ରିୟ ଅଟେ । ତୁମେମାନେ ଦୁଇଟି କଥା ମଧ୍ୟରୁ ଗୋଟିଏ ଚୟନ କର । ଅର୍ଥାତ୍ ତୁମେମାନେ ବନ୍ଦୀମାନଙ୍କୁ ଫେରାଇ ନିଅ କିମ୍ବା ନିଜର ଅର୍ଥ (ଧନସମ୍ପତ୍ତି) ନେଇନିଅ ।" ମୁଁ ତ' ଜିଇରାନା ଠାରେ ସେମାନଙ୍କର ଅପେକ୍ଷା କରିଥିଲି। ବାସ୍ତବରେ ଆପଣ ତାଏଫ୍‌ରୁ ଫେରିବା ପରେ 10 ଦିନରୁ ଅଧିକ ଦିନ ସେମାନଙ୍କ ଅପେକ୍ଷା କରିଥିଲି ଯେ ସେମାନେ ଆସି ନିଜ ଧନ ସମ୍ପତ୍ତି ଓ ବନ୍ଦୀମାନଙ୍କର ଦାବି କରନ୍ତୁ । ଯେତେବେଳେ ସେମାନେ ଜାଣିପାରିଲେ ଯେ ଆପଣ ସ.ଅ ଦୁଇଟି ଜିନିଷ ମଧ୍ୟରୁ ଗୋଟିଏ ହିଁ ଦେବେ ସେତେବେଳେ ସେମାନେ କହିଲେ, "ଆମେ ଆମର ବନ୍ଦୀମାନଙ୍କୁ ହିଁ ନେବୁ ।" ତା'ପରେ ରସୁଲୁଲ୍ଲାଃ ସ.ଅ ମୁସଲମାନମାନଙ୍କ ମଧ୍ୟରେ ଛିଡ଼ା ହୋଇ ଅଲ୍ଲାଃଙ୍କ ପ୍ରଶଂସା କଲେ ଏବଂ କହିଲେ: ହେ ମୁସଲମାନମାନେ "ତୁମମାନଙ୍କର ଏହି ଭାଇମାନେ ଅନୁତାପ କରି ଆମ ପାଖକୁ ଆସିଛନ୍ତି, ଏବଂ ମୁଁ ଉଚିତ୍ ବୋଲି ମନେକଲି ଯେ ସେମାନଙ୍କର ବନ୍ଦୀମାନଙ୍କୁ ଫେରାଇ ଦିଆଯାଉ । ତେଣୁ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଖୁସିରେ ଫେରାଇ ଦେବାକୁ ଚାହୁଁଛି ତେବେ ସେ ଫେରାଇ ଦେଉ ଏବଂ ଯିଏ ନିଜ ଭାଗରେ ଅର୍ଥାତ୍ ନିଜ ପାଖରେ ରଖିବାକୁ ଚାହୁଁଛି ତେବେ ସେ ମଧ୍ୟ ଫେରାଇ ଦେଉ । ମୁଁ ସେହି ବ୍ୟକ୍ତିକୁ ମାଲେ ଗନିମତ୍‌ରୁ ଯାହା ଅଲ୍ଲାଃତାଲା ପରବର୍ତ୍ତୀ କାଳରେ ମୋତେ ପ୍ରଦାନ କରିବେ ତହିଁରୁ ଭାଗ ଦେଇଦେବି ।" ଲୋକମାନେ କହିଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କ ସକାଶେ ସ୍ୱ ଇଚ୍ଛାରେ (ନିଜ ଖୁସିରେ) ଏହି ବନ୍ଦୀମାନଙ୍କୁ ସେମିତି (ମାଗଣାରେ) ଦେଇ ଦେଉଛୁ । ଆମକୁ କୌଣସି ଭାଗର ଆବଶ୍ୟକତା ନାହିଁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ରସୁଲୁଲ୍ଲାଃ ସ.ଅ କହିଲେ: "ମୋତେ ଜଣା ନାହିଁ ଯେ ତୁମମାନଙ୍କ ମଧ୍ୟରୁ କିଏ ଏଥି ନିମନ୍ତେ ଅନୁମତି ପ୍ରଦାନ କଲା ଓ କିଏ ଅନୁମତି ପ୍ରଦାନ କଲା ନାହିଁ । ତୁମେମାନେ ଫେରିଯାଅ ଏବଂ ତୁମର ସର୍ଦ୍ଦାରମାନେ (ଅଧିପତିମାନେ) ତୁମର ନିଷ୍ପତ୍ତି ଆମ ସମ୍ମୁଖରେ ଉପସ୍ଥାପନ କରନ୍ତୁ । ଫଳତଃ ଲୋକମାନେ ଚାଲିଗଲେ। ଏପର୍ଯ୍ୟନ୍ତକି " ଆପଣ ସ.ଅ ଏଠାରେ ସତର୍କତା ଅବଲମ୍ବନ କଲେ ଏବଂ ସେମାନଙ୍କୁ କହିଲେ, ହେ ଲୋକମାନେ ! ତୁମେମାନେ ନିଜର ଅଧିପତିମାନଙ୍କୁ ପଠାଅ । ଏମାନଙ୍କ ମାଧ୍ୟମରେ କୁହ ଯେ, ତୁମେମାନେ ପ୍ରକୃତରେ ବନ୍ଦୀ ଫେରାଉଛ । ସେମାନଙ୍କ ସର୍ଦ୍ଦାରମାନେ (ଅଧିପତିମାନେ) ଆସି ଆପଣଙ୍କୁ ଜଣାଇଲେ ଯେ ସମସ୍ତେ ସହାସ୍ୟର ସହିତ ଅନୁମତି ଦେଇଛନ୍ତି, ଏବଂ ଏହିପରି ଭାବେ ଆପଣ ବିନା କୌଣସି ମୂଲ୍ୟରେ ହୱାଜିନ୍ ସଂପ୍ରଦାୟର ସମସ୍ତ ବନ୍ଦୀଙ୍କୁ ମୁକ୍ତ କଲେ । **(ସହିହୁଲ୍ ବୁଖାରୀ, ଅନୁବାଦକ, କିତାବୁଲ୍ ୱକାଲତୁ, ବାବ୍- ଇଜା ୱହାବ ଶଇଅନ୍ ଲିୱକିଲିନ୍, ହଦିସ୍ ନଂ-2307-2308, ଗ୍ରନ୍ଥଖଣ୍ଡ-4, ପୃ-292-294, ପ୍ରକାଶକ- ନଜାରତ୍ ଇଶାଅତ୍, ରବା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ସେମାନଙ୍କୁ କେବଳ ମୁକ୍ତ କଲେ ନାହିଁ, ବରଂ ନୂତନ ବସ୍ତ୍ର ମଧ୍ୟ ପ୍ରଦାନ କଲେ । ପୋଷାକ କିଣିବା ପାଇଁ ଆପଣ ଜଣେ ସହାବିଙ୍କୁ ନିୟମିତ ରୂପେ ମକ୍କା ପଠାଇଥିଲେ । ଆପଣ ସ.ଅ ତାଗିଦ୍ କରି କହିଲେ ଯେ, ସେହି ମୁକ୍ତ ହୋଇଥିବା ଲୋକମାନଙ୍କ ମଧ୍ୟରୁ କୌଣସି ମୁକ୍ତ ବ୍ୟକ୍ତି ଯେପରି ବିନା ପୋଷାକରେ ଏଠାରୁ ନ ଯାଉ । **(ଅସ୍ ସୀରତୁଲ୍-ହଲବିୟା, ଖଣ୍ଡ-3, ପୃଷ୍ଠା-181, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅନସ୍ ବିନ୍ ମାଲିକ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ହୁନୈନ୍ ଯୁଦ୍ଧ ଦିନ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସି କିଛି ମାଗିବାକୁ ଲାଗିଲେ । ଆପଣ ସ.ଅ ସେମାନଙ୍କୁ ନିଜର ଛେଳି, ମେଣ୍ଢା ଓ ଓଟ ମଧ୍ୟରୁ ଜୀବ ଦେବାକୁ ଲାଗିଲେ । ଏପର୍ଯ୍ୟନ୍ତକି ଆଉ କିଛି ବି ବାକି ରହିଲା ନାହିଁ । ପୁନଶ୍ଚ ରସୁଲ୍ କରୀମ୍ ସ.ଅ କହିଲେ: ହେ ଲୋକମାନେ ! "ତୁମେମାନେ କ'ଣ ଚାହୁଁଛ ? କ'ଣ ତୁମେମାନେ ଏହା ଚାହୁଁଛ ଯେ, ମୁଁ କୃପଣ ହୋଇଯିବି ? ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ! ମୁଁ କୃପଣ ନୁହେଁ, ଭୀରୁ ନୁହେଁ କି ମୁଁ ମିଥ୍ୟାବାଦୀ ନୁହେଁ ।" **(ସୁବ୍‌ଲୁଲ୍ ହୁଦା ୱାର୍-ରଶାଦ୍, ଖଣ୍ଡ-7, ପୃଷ୍ଠା-53, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ପାର୍ଶ୍ୱରୁ ଆମେମାନେ ଏହା ମଧ୍ୟ ଦେଖୁ ଯେ ଆପଣଙ୍କ ସ.ଅ ଉଦାରତା ଏବଂ ବଦାନ୍ୟତ କେବେ ମଧ୍ୟ ଅସ୍ଥାନରେ (ବିନା କାରଣରେ) ହେଉ ନଥିଲା । ତହିଁରେ (ଏଥିରେ) କୌଣସି ସନ୍ଦେହ ନାହିଁ ଯେ ଆପଣ ମାଗୁଥିବା ଲୋକଙ୍କୁ ଦେଉଥିଲେ ଏବଂ କେବେ ବି ମନା କରୁ ନଥିଲେ । ନା । କିନ୍ତୁ କେବେ କେବେ ଆପଣ ମାଗୁଥିବା ଲୋକଙ୍କୁ ପ୍ରଜ୍ଞାପୂର୍ଣ୍ଣ (ହିକମତ୍ ବା ତାତ୍ତ୍ୱିକ) ଶୈଳୀରେ ବାରଣ ମଧ୍ୟ କରିଛନ୍ତି । ତହିଁରେ ମଧ୍ୟ (ଏହା ପଛରେ) ଅନେକ ଉଦ୍ଦେଶ୍ୟ କାର୍ଯ୍ୟ କରୁଥିଲା। ଉଦାହରଣ ସ୍ୱରୂପ, ଥରେ ଆପଣ ସମ୍ପତ୍ତି ବାଣ୍ଟୁଥିଲେ ଏବଂ ଲୋକମାନଙ୍କୁ ଦେଇ ଚାଲିଥିଲେ । ଜଣେ ବ୍ୟକ୍ତିଙ୍କୁ ଅଣଦେଖା କଲେ ଏବଂ ତାକୁ କିଛି ଦେଲେ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସାଆଦ ବିନ୍ ଅବି ୱକ୍କାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେହି ବ୍ୟକ୍ତି ମୋତେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପସନ୍ଦ ଥିଲେ । ମୁଁ ଚାହୁଁଥିଲି ଯେ ଅନ୍ୟମାନଙ୍କ ବଦଳରେ ତାଙ୍କୁ ଧନ ମିଳୁ । ତେଣୁ ମୁଁ କହିଲି, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ଅମକ ବ୍ୟକ୍ତିଙ୍କୁ କାହିଁକି ଛାଡ଼ିଦେଲେ ? ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି, ମୁଁ ତ' ତାଙ୍କୁ ବିଶ୍ୱାସକାରୀ ବୋଲି ମନେକରେ ।" ଆପଣ ସ.ଅ କହିଲେ, ହେ ମୁସ୍‌ଲିମ୍! ହ. ସାଆଦ୍ ର.ଅ କୁହନ୍ତି, ମୁଁ କିଛି ସମୟ ନୀରବ ରହିଲି, ପୁନଶ୍ଚ ମୁଁ ତା' ସଂପର୍କରେ ଯାହା ଜାଣିଥିଲି ତାହା ମୋତେ ବାଧ୍ୟ କଲା ଏବଂ ମୁଁ ପୁନଃ ନିଜ କଥା ଦୋହୋରାଇଲି ଓ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଅମକ ବ୍ୟକ୍ତିଙ୍କୁ ଛାଡ଼ି ଦେଇଛନ୍ତି ? ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି, ମୁଁ ତ' ତାଙ୍କୁ 'ମୋମିନ୍' ବିଶ୍ୱାସକାରୀ ବୋଲି ମନେକରେ ।" ଆପଣ ସ.ଅ କହିଲେ, ହେ ମୁସ୍‌ଲିମ୍ ! ଆଁହଜରତ୍ ସ.ଅ ସେହି ସମାନ ଉତ୍ତର ଦେଲେ । ପୁନଶ୍ଚ ଆପଣ ସ.ଅ କହିଲେ, ପୁନଶ୍ଚ ମୁଁ ତା' ସଂପର୍କରେ ଯାହା ଜାଣିଥିଲି ତାହା ମୋତେ ବାଧ୍ୟ କଲା ଏବଂ ମୁଁ ପୁନଃ ନିଜ କଥା ଦୋହରାଇଲି ଓ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଅମକ ବ୍ୟକ୍ତିଙ୍କୁ ଛାଡ଼ି ଦେଇଛନ୍ତି? ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି, ମୁଁ ତ' ତାଙ୍କୁ ବିଶ୍ୱାସକାରୀ ବୋଲି ମନେକରେ ।" ଆପଣ ସ.ଅ କହିଲେ, ହେ ମୁସ୍‌ଲିମ୍ ! "ହେ ସାଆଦ ! ମୁଁ ଜଣେ ବ୍ୟକ୍ତିଙ୍କୁ ଦାନ ଦିଏ । ମୁଁ ଏହି ଆଶଙ୍କା କରୁଛି ଯେ, କାଳେ ଅଲ୍ଲାଃତାଲା ତାକୁ ନର୍କାଗ୍ନିରେ ନିକ୍ଷିପ୍ତ ନ କରନ୍ତୁ । କିନ୍ତୁ ଅନ୍ୟ ବ୍ୟକ୍ତି ଜଣକ ମୋ ପାଇଁ ସେହି ବ୍ୟକ୍ତି ଅପେକ୍ଷା ଅଧିକ ପ୍ରିୟ ହୋଇଥାଏ ।" **(ସହିହୁଲ୍ ବୁଖାରୀ, ଅନୁବାଦକ, କିତାବୁଲ୍ ଇମାନ୍, ବାବ୍- ଇଜା ଲମ୍ ୟକୁନିଲ୍ ଇସ୍‌ଲାମୁ, ହଦିସ୍ ନଂ-27, ଗ୍ରନ୍ଥଖଣ୍ଡ-1, ପୃ-68-69)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ କହିଲେ, ହେ ସଆଦ୍ ! ତୁମେ ଠିକ୍ କହୁଛ । କିନ୍ତୁ ତହିଁରେ ଆହୁରି ରହସ୍ୟ ମଧ୍ୟ ରହିଥାଏ । ଏହି କାରଣରୁ ମୁଁ ଦିଏ ଯେପରି ସେମାନଙ୍କ ବିଶ୍ୱାସ ଟିକିଏ ଦୃଢ ହୋଇଯାଉ । କେତେକ ଲୋକ ଉପହାର ନେଇ କିମ୍ବା ସାଂସାରିକ ଫାଇଦା ପାଇଁ ନିଜ ବିଶ୍ୱାସରେ କାଏମ୍ ରହିଥାଆନ୍ତି । ଯେପରିକି ଅନେକ ଉଦାହରଣମାନ ପୂର୍ବେ ଉପସ୍ଥାପିତ କରାଯାଇ ସାରିଛ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ ଜୈନୁଲ୍ ଆବିଦୀନ୍ ସୟେଦ ୱଲିଉଲ୍ଲାଃ ଶାହ୍ ସାହେବ ର.ଅ ଏହାର ବ୍ୟାଖ୍ୟାରେ ଉଲ୍ଲେଖ କରନ୍ତି ଯେ, ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, مُسۡلِمًا ଓ مُؤۡمِنًا (ମୋମିନଉଁ ଏବଂ ମୁସ୍‌ଲିମମ୍) । ଇମାମ ବୁଖାରୀ ତହିଁରେ ଯେଉଁ ହଦିସ୍ ଉଲ୍ଲେଖ କରିଛନ୍ତି ତହିଁରୁ ସେ ଇମାନ୍ ଏବଂ ଇସ୍‌ଲାମ ମଧ୍ୟରେ ପ୍ରକୃତ ପାର୍ଥକ୍ୟ ସ୍ପଷ୍ଟ କରିଛନ୍ତି । ଅର୍ଥାତ୍ ଇମାନ୍ ଅର୍ଥାତ୍ ବିଶ୍ୱାସ ହେଉଛି ଆନ୍ତରୀକ ଅବସ୍ଥାର ନାମ ଅଟେ । ଅପରପକ୍ଷେ ଇସ୍‌ଲାମ୍ ଧର୍ମର ସମ୍ପର୍କ ବାହ୍ୟ ରୂପ ଅର୍ଥାତ୍ ପ୍ରକାଶ୍ୟ ସହିତ ରହିଛି । ସେଇଥିପାଇଁ ଆଁହଜରତ୍ ସ.ଅ ଶିଷ୍ଟାଚାର ଶିକ୍ଷା ଦେଇଛନ୍ତି ଯେ କାହା ସଂପର୍କରେ ଅର୍ଥାତ୍ କୌଣସି ବ୍ୟକ୍ତି ସଂପର୍କରେ ନିଜର ମତ ପ୍ରକାଶ କରିବା ସଂପର୍କରେ ସର୍ବଦା ସତର୍କତା ଅବଲମ୍ବନ କରିବା ଉଚିତ୍ । କାରଣ ଆଭ୍ୟନ୍ତରୀଣ କଥା କେବଳ ଅଲ୍ଲାଃତାଲା ହିଁ ଜାଣନ୍ତି । ଯେଉଁ ସାହାବିଙ୍କୁ ଆଁହଜରତ କୌଣସି ମାଲେ ଗନିମତ୍ ଦେବା ଉଚିତ୍ ବୋଲି ମନେକଲେ ନାହିଁ, ସେ ଜୁଐଲ୍ ବିନ୍ ସୁରାକା ର.ଅ ଯେକି ଜଣେ ନିଷ୍ଠାପର ମୁହାଜିର୍ (ପ୍ରବାସକାରୀ) ବ୍ୟକ୍ତି ଥିଲେ ଏବଂ ଆପଣ ସ.ଅ ତାଙ୍କୁ ଭଲ ପାଉଥିଲେ । କିନ୍ତୁ ହଜରତ୍ ସାଆଦ୍ ର.ଅଙ୍କ ବାରମ୍ବାର ଜୋର ଦେବା ଯୋଗୁଁ ଆପଣ ସ.ଅ ଏହି ଶିଷ୍ଟାଚାର ଶିଖାଇଲେ । ସେହିପରି ଆପଣ ସ.ଅ ଉକ୍ତ ପାର୍ଥକ୍ୟକୁ ଧ୍ୟାନ ରିଖିବା ନିମନ୍ତେ ମଧ୍ୟ ଶିକ୍ଷା ପ୍ରଦାନ କଲେ ଯେ, ଏପରି ନହେଉ ଯେ, ସେ ନିଜର ଦୁର୍ବଳତା ଯୋଗୁଁ ମାର୍ଗଚ୍ୟୁତ ହୋଇଯିବେ । ଯେପରି ଏକ କ୍ଷୁଦ୍ର ପାଦପ ଦେଖାଶୁଣାର ଆବଶ୍ୟକ କରିଥାଏ ସେପରି ଏକ ବୃହତ୍ ବୃକ୍ଷ ସେପରି ଦେଖାଶୁଣାର ଆବଶ୍ୟକତା କରି ନଥାଏ (ଗୋଟିଏ ଦୁର୍ବଳ ଚାରା ଗଛ ଯେଉଁ ଯତ୍ନ ଆବଶ୍ୟକ କରେ, ବଡ଼ ଗଛ

ତାହା କରେ ନାହିଁ) । ଆଁହଜରତ୍ ସ.ଅ ଲୋକମାନଙ୍କର ବିଶ୍ୱାସକୁ ମାର୍ଗଚ୍ୟୁତରୁ ରକ୍ଷା କରିବା ନିମନ୍ତେ ଛୋଟରୁ ଛୋଟ କଥା ପ୍ରତି ମଧ୍ୟ ଯତ୍ନବାନ୍ ଥିଲେ ଓ ଧ୍ୟାନ ରଖୁଥିଲେ ।

ଉକ୍ତ ପ୍ରସଙ୍ଗରେ କେତେକ ଅବୋଧ ବ୍ୟକ୍ତିମାନେ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ଆଚରଣ ଶୈଳୀ ଅବଲମ୍ବନ କରିଥାଆନ୍ତି । ତେଣୁ ଲୋକମାନେ ଜଣେ ମାର୍ଗଚ୍ୟୁତ ବ୍ୟକ୍ତିକୁ ପ୍ରତ୍ୟେକ ପ୍ରକାରର ଏପରି ପ୍ରସଙ୍ଗରୁ ନିବୃତ୍ତ ଏବଂ ସୁରକ୍ଷିତ ରଖିବେ ଯେଉଁ ପ୍ରସଙ୍ଗ ଦ୍ୱାରା ସେହି ବ୍ୟକ୍ତି ମାର୍ଗଚ୍ୟୁତ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ ସେମାନେ ସ୍ୱୟଂ ଉକ୍ତ ବ୍ୟକ୍ତିର ମାର୍ଗଚ୍ୟୁତର କାରଣ ହୋଇ ଯାଇଥାଆନ୍ତି ଏବଂ ସେମାନେ ଦୟାପୂର୍ଣ୍ଣ ଆଚରଣ ଅବଲମ୍ବନ କରିବା ପରିବର୍ତ୍ତେ ସେମାନଙ୍କର ଦୁର୍ବଳ ବିଶ୍ୱାସ ଉପରେ ଖୋଲମ ଖୋଲା ଆକ୍ରମଣ କରିଥାଆନ୍ତି । ଏହା କେତେକ ଲୋକମାନଙ୍କର ଅଭ୍ୟାସ ହୋଇଥାଏ ଏବଂ ଏହିପରି ସେମାନଙ୍କୁ ଅନ୍ୟମାନେ ଧୋକା ଦେଇଥାଆନ୍ତି । ଦୁର୍ବଳ ବିଶ୍ୱାସ ବ୍ୟକ୍ତି ଆହୁରି ପଛକୁ ଘଞ୍ଚି ଯାଇଥାଏ । ଅତଏବ୍ ଆମମାନଙ୍କୁ ଉକ୍ତ କଥା ମନେରଖିବା ଉଚିତ୍ । ଉକ୍ତ ପ୍ରସଙ୍ଗରେ ଆଁହଜରତ୍ ସ.ଅ ଏପରି ସତର୍କତା ଅବଲମ୍ବନ କରୁଥିଲେ ଯେ, ଅନ୍ୟମାନଙ୍କ ସମ୍ମୁଖରେ କୌଣସି ବ୍ୟକ୍ତିର ବିଶ୍ୱାସ ବିଶେଷ ରୂପେ ପ୍ରଶଂସା କରିବା ନିମନ୍ତେ ମଧ୍ୟ ବାରଣ କରୁଥିଲେ । ଯେଉଁ ବ୍ୟକ୍ତିର ପ୍ରଶଂସା କରାଯାଇଥାଏ ବେଳେବେଳେ ସେହି ବ୍ୟକ୍ତିର ସମ୍ମୁଖରେ ପ୍ରଶଂସା ସେହି ବ୍ୟକ୍ତି ପକ୍ଷେ କ୍ଷତିକାରକ ହୋଯାଇଥାଏ । କେବଳ ସେତିକି ନୁହେଁ ବରଂ ଏକ ପ୍ରକାରର ମୁହାଁମୁହିଁରୁ ବେଳେବେଳେ ଅନ୍ୟ ବ୍ୟକ୍ତିର ବିଶ୍ୱାସ ଏବଂ ଆଚରଣ ଉପରେ ମଧ୍ୟ ଆକ୍ରମଣ ହୋଇଥାଏ । ଆପଣ ସ.ଅ ଏହି ଗୋଟିଏ ଉଦାହରଣରେ ଚାରୋଟି ଶିକ୍ଷା ପ୍ରଦାନ କରିଛନ୍ତି ଓ ଶିଖାଇଛନ୍ତି ମଧ୍ୟ ।

ସୁତରାଂ ଶାହ୍ ୱଲିଉଲ୍ଲାଃ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଗୋଟିଏ ଘଟଣାରୁ 4ଟି ଶିକ୍ଷା ମିଳେ ଯଥା:-

1. ଇସ୍‌ଲାମ ଧର୍ମ ଓ ଇମାନ୍ ମଧ୍ୟରେ ପାର୍ଥକ୍ୟ କେଉଁ ପାର୍ଥକ୍ୟ ରହିଛି ? ଉତ୍ତର- ଇସ୍‌ଲାମ ଧର୍ମ ଓ ଇମାନ୍ ମଧ୍ୟରେ 2ଟି ପାର୍ଥକ୍ୟ ଏହିକି ଯେ, 1-ବାହ୍ୟ ପ୍ରସଙ୍ଗ, 2- ଅନ୍ୟଟି ହୃଦୟର ପ୍ରସଙ୍ଗ ।

2. ଶବ୍ଦର ସଠିକ୍ ସ୍ଥାନରେ ବ୍ୟବହାର କରିବା । ଅର୍ଥାତ୍ କେଉଁ ସମୟରେ କେଉଁ ଶବ୍ଦ ବ୍ୟବହାର କରିବା ଉଚିତ୍ ।

3. 'ମୁଅଲ୍ଲ ଫତୁଲ୍ କୁଲୁବ୍' (ହୃଦୟ ଆକୃଷ୍ଟ କରିବା)ର ଧ୍ୟାନ ରଖିବା । ହୃଦୟ ଆକୃଷ୍ଟ କରିବା ବା ହୃଦୟ ଜିଣିବା ଦୃଷ୍ଟିରୁ ଏହା ଦେଖିବା ଯେ, କେଉଁ କଥା ବା କେଉଁ ବସ୍ତୁରୁ କାହାକୁ ଲାଭ ମିଳିଥାଏ ?

4. କିଛି ନଭାବି, କିଛି ନବୁଝି ଅର୍ଥାତ୍ ନ ଭାବି ନ ଚିନ୍ତି କୌଣସି ବ୍ୟକ୍ତିର ଏପରି ପ୍ରଶଂସା ନ କରିବା ଯଦ୍ୱାରାକି ଅନ୍ୟର ବିଶ୍ୱାସ କିମ୍ବା ଅନ୍ୟର ବ୍ୟବହାର ଉପରେ କୁଠାରାଘାତ ଓ ଆକ୍ରମଣ ହେଉଥିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଜୀବନର ପ୍ରତ୍ୟେକଟି ଘଟଣା ହିକ୍‌ମତ୍ (ପ୍ରଜ୍ଞା, ବୁଦ୍ଧିମତା ଓ ଜ୍ଞାନ) ଏବଂ ସଂସ୍କାରର ଭଣ୍ଡାର ଅଟେ । **(ସହିହୁଲ୍ ବୁଖାରୀ, ଅନୁବାଦକ, ଗ୍ରନ୍ଥଖଣ୍ଡ-1, ପୃ-70, ପ୍ରକାଶକ- ନଜାରତ୍ ଇଶାଅତରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହଜରତ୍ ମସିହ୍ ମଉଦ୍ ଅ.ସ ଆଁହଜରତ୍ ସ.ଅଙ୍କ ମହାନ ଚରିତ୍ରର ବର୍ଣ୍ଣନା କରି କୁହନ୍ତି ଯେ, "ଆପଣ ସ.ଅଙ୍କ ଠାରେ ଅତ୍ୟନ୍ତ ଉତ୍ତମ ସନ୍ତୁଳନ (ସମତା) ଦେଖିବାକୁ ମିଳୁଥିଲା ଏବଂ ପ୍ରତ୍ୟେକ ଚରିତ୍ର ଯଥା ସ୍ଥାନ ଓ ସଠିକ୍ ଅବସରରେ ପରିପ୍ରକାଶିତ ହେଉଥିଲା । ସେହି ଅନନ୍ୟ ତଥା ଉତ୍ତମ ଚରିତ୍ରବତ୍ତା ଆପଣ ସ.ଅ ଙ୍କ ଉଦାରତା, ତ୍ୟାଗ ଏବଂ କୃପା ସବୁକିଛି ଯଥା ସ୍ଥାନରେ ସନ୍ତୁଳିତ ଥିଲା।" **(ବରାହିନେ ଅହମଦିୟା, ଭାଗ-3, ରୁହାନୀ ଖଜାଏନ୍, ଭାଗ-3, ଗ୍ରନ୍ଥଖଣ୍ଡ-01, ପୃ-194-195)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ବଦାନ୍ୟତା ଏବଂ ଉଦାରତା ସଂପର୍କରେ ଅସଂଖ୍ୟା ଘଟଣାବଳୀ ରହିଛି । ସେହି ଘଟଣାବଳୀ ମଧ୍ୟରେ ଆମମାନଙ୍କୁ ଆପଣ ସ.ଅଙ୍କ ଉତ୍ତମ ଚରିତ୍ରର ଅନ୍ୟ ପକ୍ଷ ମଧ୍ୟ ଦୃଶ୍ୟମାନ ହୋଇଥାଏ । ସେ ଯାହା ହେଉ ଯେପରି ଆପଣଙ୍କ ଶିକ୍ଷା ସନ୍ତୁଳିତ ଥିଲା ଠିକ୍ ସେହିପରି ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟ ମଧ୍ୟ ତଦନୁଯାୟୀ ସନ୍ତୁଳିତ ଥିଲା । ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ଆପଣଙ୍କ ଜୀବନୀର ପ୍ରତ୍ୟେକ ଦିଗ (ପକ୍ଷ) ଉପରେ ବିଚାର କରିବା ଓ ତାହାକୁ କାର୍ଯ୍ୟକାରୀ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଆମମାନଙ୍କୁ ଆପଣ ସ.ଅଙ୍କ ଆଦର୍ଶ ଉପେରେ ପରିଚାଳିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଆମମାନଙ୍କୁ ଆପଣ ସ.ଅଙ୍କ ଆଦର୍ଶାନୁଯାୟୀ କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ୟମ କରିବା ସଙ୍ଗେସଙ୍ଗେ ନିଜର ନିଜ ଜୀବନକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ତାହାଙ୍କ ଅନୁଗ୍ରହତା ଅନୁଯାୟୀ ଗଢ଼ିବା ତଥା ପରିଚିଳିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍**।"

☆☆☆

ବିଗତ ସଂଖ୍ୟା-28-29, ପୃ-11ରୁ ମଧ୍ୟରେ ପ୍ରକାଶିତ ହୁଜୁର ଅନ୍‌ୱର୍ ଅ.ଙ୍କ ଖୁତ୍‌ବା ଜୁମା-29-05-26ରେ ଅବଶିଷ୍ଟାଂଶ...

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ଉକ୍ତ ଘଟଣାକୁ ନିଜର ପୁସ୍ତକ '**ହୟାତେ ଅହମଦ**'ରେ ବର୍ଣ୍ଣନା କରିଛନ୍ତି ଏବଂ ଏହା ଉପରେ ଏକ ଟିପ୍ପଣୀ ମଧ୍ୟ ଲେଖିଛନ୍ତି । ଆପଣ ର.ଅ କୁହନ୍ତି: "ଲୋକମାନେ ବିତର୍କର ସାଧାରଣ ଶୈଳୀ ଏବଂ ବାକ୍‌ଯୁଦ୍ଧକାରୀଙ୍କ ଅବସ୍ଥା ସହିତ ଭଲ ଭାବରେ ଅବଗତ ଅଟନ୍ତି । ଅର୍ଥାତ୍ ବାକ୍‌ଯୁଦ୍ଧକାରୀ ବା ବିତର୍କକାରୀଙ୍କ ଅବସ୍ଥା ସହିତ ଭଲ ଭାବରେ ଅବଗତ ଅଟନ୍ତି । ନିଜ ବିପକ୍ଷ କିମ୍ବା ପ୍ରତିପକ୍ଷର କଥା, ଯଦି ତାହା ସତ୍ୟ ଏବଂ ନ୍ୟାୟସଙ୍ଗତ ହୋଇଥାଏ, ତାହାକୁ ଗ୍ରହଣ କରିନେବା ଏବଂ ଜନସାଧାରଣଙ୍କ ସମ୍ମୁଖରେ ସ୍ୱୀକାର କରିନେବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଅଟେ । ମୁଁ ବିଦ୍ୱାନ୍‌ମାନଙ୍କୁ ଅନାଦର କରୁ ନାହିଁ, କିନ୍ତୁ ସେମାନଙ୍କ ପାଇଁ ଜୀବନ ଦେବା ସହଜ ଅଟେ । ମାତ୍ର ନିଜର ଭୁଲକୁ (ଦୋଷ) ସ୍ୱୀକାର କରିବା ତ' ଦୂରର କଥା ପ୍ରତିପକ୍ଷର ସଠିକ୍ ଏବଂ ଯୁକ୍ତିଯୁକ୍ତ କଥାକୁ ଗ୍ରହଣ କରିନେବାର ଅଭ୍ୟାସ ମଧ୍ୟ ଆଉ ନାହିଁ । ଆଜି ମଧ୍ୟ ସମାନ ଅବସ୍ଥା ଓ ସମାନ ପରିସ୍ଥିତି ରହିଛି । କିନ୍ତୁ ହଜରତ୍ ମସିହ ମୌଉଦ୍ ଅ.ସଙ୍କ ଅବସ୍ଥା ସମ୍ପୂର୍ଣ୍ଣ ଆନ୍ତରିକତା ଏବଂ ଆଲ୍ଲାଃଙ୍କ ପ୍ରସନ୍ନତାରେ ନିମଜ୍ଜିତ ରହିଥିଲା । ତହିଁରୁ (ଏଥିରୁ) ଏହା ମଧ୍ୟ ଜଣାପଡ଼େ ଯେ ଆପଣ ଅ.ସ ସ୍ୱଭାବତଃ ମୁସଲମାନମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଗୃହଯୁଦ୍ଧକୁ ପସନ୍ଦ କରୁନଥିଲେ ଏବଂ ପାରସ୍ପାରିକ ସମସ୍ୟା ଏବଂ ମତଭେଦ ଯୋଗୁଁ ସେମାନେ ସତ୍ୟାନ୍ୱେଷୀ ଏବଂ ସତ୍ୟବାଦୀତାକୁ ଛାଡ଼ି ଦିଅନ୍ତୁ, ସେମାନେ ଏହା ଚାହୁଁ ନଥିଲେ । ପୁନଶ୍ଚ ଏହା କେତେ ବଡ଼ ସାହସ ଓ ସାହସିକତାର କଥା ଯେ ଯେଉଁ ବ୍ୟକ୍ତିଙ୍କ ସହିତ ସେମାନେ ବିତର୍କ (ମୁନାଜରା) କରିବାକୁ ଯାଉଛନ୍ତି, ସେହି ବ୍ୟକ୍ତିଙ୍କ ଘରେ ପହଞ୍ଚୁଛନ୍ତି; ତା'ର ଜ୍ଞାନ କିମ୍ବା ପ୍ରଭାବ ଯୋଗୁଁ ମନରେ କୌଣସି ଭୟ କିମ୍ବା ଶଙ୍କୋଚ ନାହିଁ । କିନ୍ତୁ ତା' ପାଟିରୁ ଗୋଟିଏ ସତ୍ୟ କଥା ଶୁଣିବା ପରେ, ଲୋକେ କ'ଣ କହିବେ ସେଥିପାଇଁ ଆଦୌ ଚିନ୍ତା (ଭୃକ୍ଷେପ) କରାଯାଉ ନାହିଁ । ଲୋକେ ଏହାକୁ ଏଡ଼ାଇବା ବୋଲି କହିବେ ନା ବିପକ୍ଷ ଦ୍ୱାରା ପ୍ରଭାବିତ (ଡ଼ରି ଯାଇଥିବା) ହେବା ବୋଲି ବିବେଚିତ କରିବେ ? ଯେଉଁ କଥାଟି ସତ୍ୟ ଥିଲା, ତାହାକୁ ସ୍ୱୀକାର କରି ନିଆଗଲା । ଯେଉଁ କଥାଟି ସତ୍ୟ ଥିଲା, ତାହାକୁ ସ୍ୱୀକାର କରିନିଆଗଲା । ଲୋକେ କ'ଣ କହିବେ ସେଥିପାଇଁ ଆପଣ ଅ.ସ କୌଣସି ଭୃକ୍ଷେପ କଲେ ନାହିଁ ଏବଂ ନିଜେ ସ୍ୱୀକାରୋକ୍ତି ଦ୍ୱାରା ତାହାର ସତ୍ୟତା ଉପରେ ମୋହର ଲଗାଇଦେଲେ । ଏହା ଏପରି ଏକ କାର୍ଯ୍ୟ, ଯାହାର ଦୃଷ୍ଟାନ୍ତ ଅବତାର ଅ.ସ ଏବଂ ସେମାନଙ୍କର ବିଶେଷ ଅନୁଗାମୀମାନଙ୍କ ଜୀବନ ବ୍ୟତୀତ ଅନ୍ୟ କେଉଁଠାରେ ମିଳେ ନାହିଁ । ଧର୍ମ ପ୍ରତି ଆନ୍ତରୀକତା ଏବଂ ନିଜର କାମବାସନା ଓ ପ୍ରବୃତ୍ତିକୁ ଦମନ କରିବାର ଶକ୍ତିଶାଳୀ ଭାବନା କେବଳ ସର୍ବଶକ୍ତିମାନ ଈଶ୍ୱରଙ୍କ କୃପାରୁ ହିଁ ମିଳିପାରିବ। ପୁନଶ୍ଚ ଉକ୍ତ କୃତ୍ୟର ସ୍ୱୀକୃତିର ଲକ୍ଷଣ ସେହି ସମୟରେ ପ୍ରକାଶିତ ହୋଇଗଲା ଏବଂ ଆଲ୍ଲାଃ ତାଆଲା ନିଜର ଐଶୀବାଣୀ ମାଧ୍ୟମରେ ସୁସମ୍ବାଦ ଦେଲେ ଏବଂ ରଜିଅଲ୍ଲାଃହୁ ଅନ୍‌ହୁର ଏକ ପ୍ରମାଣପତ୍ର ପ୍ରଦାନ କରି ଦେଲେ । ମଣିଷ ସଂସାରରେ ଏହା ଚାହିଁଥାଏ ଯେ ତାହାର ଲୋକପ୍ରିୟତା (ପ୍ରସିଦ୍ଧି) ବୃଦ୍ଧି ପାଉ ଏବଂ ଲୋକେ ତାହା ଆଡ଼କୁ ଆକୃଷ୍ଟ ହୁଅନ୍ତୁ । ଆଲ୍ଲାଃତାଲା ଏହି କାର୍ଯ୍ୟର ଫଳ ସଂପର୍କରେ କହିଲେ ଯେ "ସମ୍ରାଟ୍‌ମାନେ ତୁମ ବସ୍ତ୍ରରୁ ବରକତ୍ (କଲ୍ୟାଣ) ଖୋଜିବେ ।" ଏହା ସେହି ସମୟର କଥା ଯେତେବେଳେ 'ବରାହୀନେ ଅହମଦିୟା'ର ରଚନା ଓ ସଂକଳନର ଭାବନା ମଧ୍ୟ ମନରେ ଆସି ନଥିଲା। ତେଣୁ କେଉଁ କାରଣ ରହିଛି ଯେ, କୌଣସି ଦାବି କରାଯାଇ ଥାଆନ୍ତା । ସେ (ହ. ମସିହ୍ ମଉଦ୍) ସଂସାରରୁ ପ୍ରାୟ ବିଚ୍ଛିନ୍ନ ହୋଇ ଜୀବନ ବିତାଉଛନ୍ତି । ଚାକିରି ମଧ୍ୟ ଛାଡ଼ି ସାରିଛନ୍ତି । ଭବିଷ୍ୟତ ଜୀବନର ଗୁଜୁରାଣ ସଂପର୍କରେ ଧାରଣା ଆପଣଙ୍କ ମନ ଓ ମସ୍ତିଷ୍କରେ କୌଣସି ଚିନ୍ତା ନଥିଲା । କିନ୍ତୁ ପରିବାର ଲୋକଙ୍କୁ ଏହି ଚିନ୍ତା ନିଶ୍ଚୟ (ଘାରି) ଥିଲା ଯେ, (ଆପଣ ଅ.ସ) କ'ଣ କରିବେ ? ସେହି ସମୟରେ ଆପଣ ଅ.ସଙ୍କୁ ଇଲ୍‌ହାମ୍ ହେଲା ଯେ, "ରାଜାମାନେ ତୁମ୍ଭ ବସ୍ତ୍ରରୁ କଲ୍ୟାଣ ଖୋଜିବେ"। ଯେତେବେଳେ ଆପଣ ଅ.ସଙ୍କ ପାଖରେ କିଛି ବି ନଥିଲା । "ପିତାଶ୍ରୀ ମହୋଦୟ ସେତେବେଳେ ଜୀବିତ ଥିଲେ।" ଅର୍ଥାତ୍ ଆପଣ ଅ.ସ ଜୀବନର ସେହି ପର୍ଯ୍ୟାୟରେ ଥିଲେ ଯେଉଁଠାରେ ଜଣେ ସାଂସାରିକ ବ୍ୟକ୍ତି ପାଇଁ ବଡ଼ ବଡ଼ ଆଶା ଥାଏ ଏବଂ ବୟସର ସେହି ଭାଗ ଯେତେବେଳେ ସମସ୍ତ ପ୍ରକାରର ଭାବନା, ଧାରଣା, ସ୍ୱାଭିମାନ ଏବଂ ଆତ୍ମ-ପ୍ରଦର୍ଶନର ଆବେଗ ସମ୍ପୂର୍ଣ୍ଣ ଉତ୍ସାହର ହୋଇଥାଏ । ସେତେବେଳେ ନିଜ କଥାରେ ଅଟଳ ରହିବା ଓ ଜିଦ୍ କରିବାର ପ୍ରବୃତ୍ତି ଥାଏ । ଏହି ସମସ୍ତ ପରିସ୍ଥିତି ମଧ୍ୟରେ ହ. ମିର୍ଜା ସାହେବ (ମସିହ୍ ମଉଦ୍ ଅ.ସ) ଜଣେ ପ୍ରସିଦ୍ଧ ମୌଲବୀଙ୍କ ସହ ବିତର୍କ କରିବାକୁ ଯାଆନ୍ତି ଏବଂ ତା'ର ବକ୍ତବ୍ୟକୁ ଶୁଣି ତାହାକୁ ସଠିକ୍ ପାଇ ତାହାର ସତ୍ୟତା ପୁଷ୍ଟି କରି ଦିଅନ୍ତି । ନା ମନରେ ଏହା ଧାରଣା ଆସିଲା ଯେ, ଲୋକେ କ'ଣ କହିବେ ଓ ନା ହିଁ ଉକ୍ତ କଥା ପ୍ରତି ଭୃକ୍ଷେପ କରାଯାଇଥାଏ ଯେ ଉକ୍ତ ବ୍ୟକ୍ତିଙ୍କର କେତେକ ବିଶ୍ୱାସ ଏବଂ ଧର୍ମମତ ଯୋଗୁଁ ସାଧାରଣ ବିରୋଧ ହେଉଅଛି ଏବଂ ମୁଁ ନିଜର ବିବୃତ୍ତି ମାଧ୍ୟମରେ ତାଙ୍କୁ ସମର୍ଥନ ଜଣାଉଛି । ସେହି ସମର୍ଥନ ଯୋଗୁଁ ମୋ ବିରୁଦ୍ଧରେ ମଧ୍ୟ ଏକ ଅସଭ୍ୟତାର ଏକ ଝଡ଼ ସୃଷ୍ଟି ହୋଇଯିବ । ତେଣୁ ଆପଣ ଚିନ୍ତା କରନ୍ତୁ, ଏପରି ପରିସ୍ଥିତିରେ ଯେତେବେଳେ ହନଫୀ ଏବଂ ଅଣ ମୁକଲ୍ଲିଦ୍‌ମାନଙ୍କ (ଚାରି ଇମାମଙ୍କୁ ମାନୁ ନଥିବା ବ୍ୟକ୍ତି) ମଧ୍ୟରେ ଭୀଷଣ ଯୁଦ୍ଧ ଚାଲିଥିଲା ଏବଂ କୌଣସି ଏହ୍‌ଲେ ହଦୀସ୍‌କୁ ସମର୍ଥନ କରିବା ଦ୍ୱାରା ଅର୍ଥ ଘୋର ବିପଦକୁ କ୍ରୟ କରିନେବାର ଥିଲା । ହଜରତ୍ ମିର୍ଜା ସାହେବ ମୌଲବୀ ମୁହମ୍ମଦ ହୁସେନ୍ ସାହେବଙ୍କୁ ସମର୍ଥନ କରି ଦିଅନ୍ତି । ଯଦିଓ ଆପଣ ଅ.ସଙ୍କୁ ତାଙ୍କ ସହିତ ବିତର୍କ ଓ ବାକ୍‌ଯୁଦ୍ଧ କରିବା ନିମନ୍ତେ ହିଁ ଡକାଯାଇଥିଲା । ଉକ୍ତ ଧାରଣା କିମ୍ବା ଭ୍ରମ ପ୍ରକାଶ କରିବା ସମ୍ପୂର୍ଣ୍ଣ ମୂର୍ଖତା ହେବ ଯେ ମୌଲବୀ ଅବୁ ସଇଦ୍ ସାହେବଙ୍କ ଜ୍ଞାନ କିମ୍ବା ବଳ ଆପଣ ଅ.ସଙ୍କୁ ନୀରବ କରାଇ ଦେବାର କାରଣ ହୋଇଥିବ। ସମ୍ଭବତଃ ଏହି ଭ୍ରମର କିଛି ମୂଲ୍ୟ ଥାଆନ୍ତା ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ଘଟଣାବଳୀଗୁଡ଼ିକ ମୌଲବୀ ମହମ୍ମଦ ହୁସୈନ୍ ସାହେବଙ୍କ ସହିତ ପ୍ରତ୍ୟକ୍ଷ ଓ ଲିଖିତ ଆଲୋଚନା କରାଇନ ଥାଆନ୍ତା ଏବଂ ତାଙ୍କର ବିପଜ୍ଜନକ ମୁକାବିଲାରେ ମହମ୍ମଦ ସ.ଅଙ୍କର ଏହି ଯୁବକ ଆଗେଇ ଆସିନଥାନ୍ତା । ଏହା ଭାବିବା ଭୁଲ୍ ଯେ ଆପଣ ଅ.ସ ଅବଶିଷ୍ଟାଂଶ..ପୃ-10 ରେ

ସେତେବେଳେ କାହା ପ୍ରଭାବରେ ଆସି ଯାଇଥିଲେ, କାରଣ ପରବର୍ତ୍ତୀ ଇତିହାସରୁ ପ୍ରମାଣିତ ଯେ, ଆପଣ ଅ.ସ ମୌଲବୀ ମହମ୍ମଦ ହୁସେନ୍ ସାହେବଙ୍କୁ ଅନେକ ଥର ଆହ୍ୱାନ (ଚ୍ୟାଲେଞ୍ଜ) ଦେଇଛନ୍ତି । ତାଙ୍କୁ ଡାକିଛନ୍ତି ଏବଂ ଜଣାଇଛନ୍ତି ଯେ ସେ କ'ଣ ଭୁଲ୍ କରୁଛନ୍ତି ଓ କ'ଣ ଠିକ୍ କରୁଛନ୍ତି ? ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "ଏବଂ କଦାପି, କୌଣସି ପରିସ୍ଥିତିରେ ତଥା ଗୋଟିଏ ସେକେଣ୍ଡ (ମୁହୂର୍ତ୍ତକ) ପାଇଁ ମଧ୍ୟ ତାଙ୍କର ଜ୍ଞାନ ଓ ପ୍ରଭାବର ଭୟ ପ୍ରଭାବିତ ହୋଇପାରିଲା ନାହିଁ। ଏଗୁଡ଼ିକ ହେଉଛି ପ୍ରତ୍ୟକ୍ଷ ଘଟଣାବଳୀ ଏବଂ କେହି ଏହାକୁ ଅସ୍ୱୀକାର କରିପାରିବେ ନାହିଁ । ତେଣୁ ଏପରି ପରିସ୍ଥିତିରେ ଏହି ଧାରଣା କେବଳ ଅଜ୍ଞାନତା ନୁହେଁ ବରଂ ଏହାର ଗଭୀରତାରେ କେବଳ ଗୋଟିଏ କଥା ହିଁ ନିହିତ ଥିଲା ଏବଂ ତାହା ହେଉଛି ଧର୍ମ ପ୍ରତି ଆନ୍ତରୀକତା ଓ ନିଷ୍ଠା (ଇଖ୍‌ଲାସ୍ ଫିଦ୍ଦୀନ୍) ।"**(ହୟାତେ ଅହମଦ୍, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-291-292)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଧର୍ମ ପ୍ରସଙ୍ଗରେ ଆନ୍ତରୀକତା ଥିଲା । ସେଇଥିପାଇଁ ଆପଣ ଅ.ସ ସେତେବେଳେ ଏହା ସ୍ୱୀକାର କରିନେଲେ । ତେବେ ମୌଲବୀ ମୁହମ୍ମଦ ହୁସେନ୍ ବଟାଲ୍‌ୱୀଙ୍କ ଠାରୁ ଡରିକି ସ୍ୱୀକାର କରି ନଥିଲେ । କାରଣ ପରବର୍ତ୍ତୀ ସମୟରେ ଆପଣ ଅ.ସ ତାଙ୍କୁ ଅନେକ ଥର ଆହ୍ୱାନ (ଚ୍ୟାଲେଞ୍ଜ) ମଧ୍ୟ ଦେଇଛନ୍ତି । ତାଙ୍କୁ ଆମମନ୍ତ୍ରିତ କରିଛନ୍ତି ଏବଂ ସଠିକ୍ ମାର୍ଗକୁ ଆସିବା ପାଇଁ ମଧ୍ୟ ଉପଦେଶ ଦେଇଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ଏକ ପତ୍ରରେ ମୌଲବୀ ମହମ୍ମଦ ହୁସେନ୍ ବଟାଲ୍‌ୱୀଙ୍କୁ ଉଲ୍ଲେଖ କରିଛନ୍ତି ଯହିଁରେ ଆପଣ ଅ.ସ ସତ୍ୟ ସନ୍ଦେଶ ପହଞ୍ଚାଇ ଥିଲେ । କିନ୍ତୁ ଈଶ୍ୱରଙ୍କ ତରଫରୁ ପ୍ରେରିତ ଏବଂ ନିଯୁକ୍ତ ହେବା ସତ୍ତ୍ୱେ ଏବଂ ଉଚ୍ଚ ମର୍ଯ୍ୟାଦାରେ ଅଧିଷ୍ଠିତ ହେବା ସତ୍ତ୍ୱେ ମଧ୍ୟ ଆପଣ ଅ.ସ ନିଜ ସଂପର୍କରେ ଅତ୍ୟାଧିକ ବିନୀତତା, ବିନମ୍ରତାର ସର୍ବୋଚ୍ଚ ଉଦାହରଣ ପ୍ରଦର୍ଶନ କରିଥିଲେ । ସୁତରାଂ ଆପଣ ଅ.ସ ଉଲ୍ଲେଖ କରନ୍ତି ଯେ, "ସମ୍ମାନନୀୟ, ଶ୍ରୀଯୁକ୍ତ ଭାଇ ମହୋଦୟ ମୌଲବୀ ସାହେବ (ସଲ୍ଲମହୁ ତାଆଲା) **ଅସ୍ସଲାମୁ ଅଲୈକୁମ୍ ଓ ରହମତୁଲ୍ଲାହ ବର୍‌କାତୁହୁ**' । ଆପଣଙ୍କ ଦ୍ୱାରା ପ୍ରେରିତ ପତ୍ରଟି ମିଳିଲା ।" ଆପଣଙ୍କ ଚିଠି ପାଇଲି । "ଏହି ବିନୀତ ପାଇଁ ବଡ଼ କଷ୍ଟକର କଥା ଏହିକି ଯେ..." ସ୍ୱାସ୍ଥ୍ୟବସ୍ଥା ପ୍ରାୟତଃ ହଠାତ୍ ଏପରି ଖରାପ ହୋଇଯାଏ ଯେ ମୃତ୍ୟୁ ସାମ୍ନାରେ ଦେଖାଯାଏ ଏବଂ କିଛି ନା କିଛି ଅସୁସ୍ଥତା ଦିନରାତି ରହିଥାଏ । ଯଦି ଅଧିକ କଥାବାର୍ତ୍ତା କରେ, ତେବେ ରୋଗର ଆକ୍ରମଣ ଆରମ୍ଭ ହୋଇଯାଇଥାଏ। ଯଦି ଅଧିକ ଚିନ୍ତା କରେ, ତେବେ ମଧ୍ୟ ସେହି ରୋଗ ଆରମ୍ଭ ହୁଏ । ଯେହେତୁ ଆପଣଙ୍କ ଶେଷ ଚିଠି ଆସିଥିଲା, ମନେ ହେଉଥିଲା ଯେ ମୌଲବୀ ଅବ୍‌ଦୁଲ୍ ଜବ୍‌ବାର ସାହେବ ଲେଖା ଯାଇଛି ଅର୍ଥାତ୍ ଦୁହେଁ ମିଶି ଚିଠି ଲେଖିଛନ୍ତି । ସେଥିପାଇଁ ଉତ୍ତର ଏହି ଶୈଳୀରେ ଲେଖାଯାଇଥିଲା । ଏହି ବିନୀତ ରୋଗର ପ୍ରକୋପ ଯୋଗୁଁ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇପଡ଼ିଛି ।" ଏହି ସମୟରେ ରୋଗର ଭୀଷଣ ପ୍ରକୋପ ରହିଛି । ତେଣୁ ମୌଖିକ କିମ୍ବା ଲିଖିତ ଆଲୋଚନା ଆରମ୍ଭ କରିବା ପାଇଁ ଏତେ ଶକ୍ତି କାହିଁ ? କେବଳ ଆଲ୍ଲାଃ ତାଲାଙ୍କ କୃପାରୁ ଏହି ତିନୋଟି ପୁସ୍ତକ (ଆପଣ ଅ.ସ ଯେଉଁ ପୁସ୍ତକ ଲେଖିଥିଲେ ତାହା 'ଫତେହ ଇସ୍‌ଲାମ', 'ତୌଜୀହ୍-ଏ-ମରାମ୍' ଏବଂ 'ଇଜାଲା ଔହାମ')ଲେଖାଯାଇଛି, ଏବଂ ତାହା ମଧ୍ୟ ଏପରି ଯେ ପ୍ରାୟତଃ ଅନ୍ୟ ଜଣେ ବ୍ୟକ୍ତି ମୋର ବକ୍ତବ୍ୟକୁ ଲେଖୁଥିଲେ ଏବଂ ନିଜ ହାତରେ ଲେଖିବା ବହୁତ କମ୍ ସୁଯୋଗ ମିଳିଛି । ଲେଖାକୁ ଭଲ ଭାବେ ସୁଧାରିବା ପାଇଁ ଟିକେ ହେଲି ବି ସମୟ ମିଳୁ ନାହିଁ । ହଦିସ୍ ବିଷୟରେ ଆପଣଙ୍କ ଜ୍ଞାନ ବ୍ୟାପକ ରହିଛି । ଆପଣ ଜଣେ ବଡ଼ ପଣ୍ଡିତ ଅଟନ୍ତି । ଏହି ବିନୀତ ଜଣେ ନିରକ୍ଷର (ଉମ୍ମୀ) ଏବଂ ଅଜ୍ଞାନୀ (ମୂର୍ଖ) ବ୍ୟକ୍ତି ଅଟେ । ହଜରତ ମସିହ ମଉଦ୍ ଅ.ସ ନିଜକୁ ନିରକ୍ଷର ଓ ଅଜ୍ଞାନୀ ବୋଲି କହିଛନ୍ତି । ନା ଉପାସନା ଅଛି, ନା ସାଧନା ଅଛି, ନା ଜ୍ଞାନ ଅଛି, ନା ଯୋଗ୍ୟତା, ସଂକ୍ଷେପରେ କିଛି ବି ନାହିଁ (ଆପଣ ଅ.ସ ବିନୀତତା ପ୍ରକାଶ କରୁଛନ୍ତି) । ଆଲ୍ଲାଃ ତାଲାଙ୍କ ତରଫରୁ ଏକ ଆଦେଶ ଥିଲା, ଯାହା ସମ୍ପୂର୍ଣ୍ଣ ଓ ନିଃସନ୍ଦେହାତ୍ମକ ଥିଲା ସେହି ଆଦେଶକୁ ଏହି ବିନୀତ ପହଞ୍ଚାଇଦେଲା । ସେହି ଆଦେଶକୁ ସ୍ୱୀକରା କରିବା ଏବଂ ସ୍ୱୀକାର ନକରିବା ନିଜ ନିଜର ମତ ଓ ବୌଦ୍ଧିକତା ବୁଝାମଣା ଉପରେ ନିର୍ଭରଶୀଳ ଅଟେ ।"

(ମକ୍ତୁବାତେ ଅହମଦ୍, ଭାଗ-1, ପୃଷ୍ଠ-319-320, ପତ୍ର ନଂ-10)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ (ଅ:ସ:) ଅତ୍ୟନ୍ତ ବିନୀତତାର ସହିତ ତାଙ୍କୁ ଧର୍ମ ପ୍ରଚାର (ତବ୍‌ଲୀଗ୍) ମଧ୍ୟ କଲେ । ହଜରତ୍ ମୁନ୍‌ସୀ ଅହମଦ ଜାନ୍ ସାହେବ ର.ଅଙ୍କ ନାମ ହଜୁର ଅ.ସ ଙ୍କର ଏକ ପତ୍ର ପ୍ରକାଶିତ ହୋଇଛି । ସେହି ପତ୍ରରେ ମଧ୍ୟ ଆପଣ ଅ.ସଙ୍କ ବିନୀତତା ଏବଂ ବିନମ୍ରତାର ଉଲ୍ଲେଖ ରହିଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ଉଲ୍ଲେଖ କରନ୍ତି: "ଶ୍ରୀଯୁକ୍ତ ମହୋଦୟଙ୍କ ଚିଠି ମିଳିଲା । କୃପାମୟ ଈଶ୍ୱରଙ୍କ କୃପାର କୃତଜ୍ଞତା ଜ୍ଞାପନ କରିବା ସମ୍ଭବପର ନୁହେଁ। ଯିଏ ଏହି ନଗଣ୍ୟ ଦାସ ପାଇଁ ଏପରି ଆନ୍ତରୀକ ବନ୍ଧୁ ପ୍ରଦାନ (ଉପଲବ୍ଧ) କରିଛନ୍ତି ଯେ, ତାହାଙ୍କର ସତ୍ତା ଏହି ଅଧମ ପାଇଁ ସମ୍ମାନ ଓ ଗୌରବର କାରଣ ଅଟେ । ଅଶେଷ ଦୟାବାନ୍ ଈଶ୍ୱର ଆପଣଙ୍କୁ ଖୁସି ଓ ସୁଖରେ ରଖନ୍ତୁ ଏବଂ ଆପଣଙ୍କୁ ଏହି ଆନ୍ତରୀକ ଶ୍ରଦ୍ଧାର ପ୍ରତିଫଳ ପ୍ରଦାନ କରନ୍ତୁ । **ଆମିନ୍** । ଏହି ବିନୀତ ଅତ୍ୟନ୍ତ ଅଯୋଗ୍ୟ ଓ ନଗଣ୍ୟ ଅଟେ ଏବଂ ପରମ ଦୟାଳୁ ଆଲ୍ଲାଃଙ୍କର ଅଶେଷ ଅଶେଷ ଅନୁଗ୍ରହ, କୃପା ତଥା ଉପକାର ଯେ ସେ ଏହି ଅଯୋଗ୍ୟ ବ୍ୟକ୍ତି ଉପରେ ବିନା କୌଣସି ଯୋଗ୍ୟତାରେ ପ୍ରଚୁର ଏବଂ ଅଜସ୍ର ଆଶୀର୍ବାଦ ଓ କଲ୍ୟାଣ ବୃଷ୍ଟି କରୁଛନ୍ତି । ଅଲ୍ଲାଃତାଲା ଏହି ଅଧମକୁ ତ୍ରୁଟି ଉପରେ ତ୍ରୁଟି କରୁଥିବାରେ ପାଇ ଚାଲିଛନ୍ତି ଏବଂ ସେ ଦୟା ଉପରେ ଦୟା କରୁଛନ୍ତି। ଅଲ୍ଲାଃତାଲା ଏହି ଅଧମକୁ ଅତ୍ୟାଚାର ଉପରେ ଅତ୍ୟଚାର କରୁଥିବାର ଦେଖୁଛନ୍ତି ଏବଂ ପୁରସ୍କାର ଉପରେ ପୁରସ୍କାର କରୁଛନ୍ତି । ବାସ୍ତବରେ ସେ ଅଶେଷ ଦୟାବାନ୍ ଓ ସଦା କରୁଣାମୟ । ଏପରି ଭାଷା କେଉଁଠାରୁ ଆଣିବି ଯଦ୍ଦ୍ୱାରାକି ତାଙ୍କର କୃତଜ୍ଞତା ମୁଁ ଜ୍ଞାପନ କରି ପାରିବି ? ଏହି ବିନୀତ କିଛି ନୁହେଁ, ତୁଚ୍ଛ, ନଗଣ୍ୟ ଓ ନିସ୍ୱ ଅଟେ । ସେ ମୋତେ ଧୂଳିରେ ପାଇଲେ ଏବଂ ଧୂଳିରୁ ଉଠାଇନେଲେ (ଅର୍ଥାତ୍ ଆଲ୍ଲାଃ ତାଲା ମୋତେ ମାଟିରେ ପାଇଲେ ଏବଂ ଉଠାଇନେଲେ) ଏବଂ ଅଲ୍ଲାଃତାଲା ମୋତେ ସମ୍ପୂର୍ଣ୍ଣ ଅଯୋଗ୍ୟ ଦେଖି ମୋର ଦୋଷକୁ ଲୁଚାଇଦେଲେ । ମୋର ଦୁର୍ବଳତାକୁ ଦେଖି ମୋତେ ଶକ୍ତି ଦେଲେ ଏବଂ ମୋର ଅଜ୍ଞାନତା ତଥା ଅବୋଧତାକୁ ଦେଖି ମୋତେ ଜ୍ଞାନ ପ୍ରଦାନ କଲେ ।" ସମସ୍ତ ଜ୍ଞାନ ଆଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରଦତ୍ତ ଅଟେ । ମୋ ପାଖରେ ଯେଉଁ ଜ୍ଞାନ ରହିଛି, ତାହା ଆଲ୍ଲାହଙ୍କ ଦ୍ୱାରା ପ୍ରଦତ୍ତ ଅଟେ । ସେ ମୋ ସ୍ଥିତି (ଅବସ୍ଥା) ଉପରେ ସେହି କୃପାସବୁ କଲେ ଯାହାକୁ ମୁଁ ଗଣି ପାରିବି ନାହିଁ ଏବଂ ତାଙ୍କ କୃପାର ଏକ ପ୍ରକାଶ ହେଉଛି ଯେ ଆପଣଙ୍କ ପରି ମହାନ୍ ଭାଇମାନଙ୍କ ହୃଦୟରେ ଏହି ନଗଣ୍ୟ ତଥା ବିନୀତ ବ୍ୟକ୍ତି ପ୍ରତି ପ୍ରେମ ଭରିଦେଲେ । ତେଣୁ ତାହାଙ୍କ କୃପା ଉପରେ ଭରସା ଅଛି ଯେ ସେ ଏହି ପ୍ରେମକୁ ଅଭିବୃଦ୍ଧି କରିବେ ଏବଂ ସେହି ସମସ୍ତ ବ୍ୟକ୍ତିମାନଙ୍କ ଉପରେ କୃପା କରିବେ ଯେଉଁମାନେ ଏହି ସୂତ୍ରରେ ବାନ୍ଧି ହୋଇଛନ୍ତି ।" **(ମକ୍ତୁବାତେ ଅହମଦ୍, ଭାଗ-3, ପୃଷ୍ଠା-25-26, ସୁଫୀ ଅହମଦ୍ ଜାନ୍ ସାହେବଙ୍କ ନାମରେ ପତ୍ର, ନଂ-3)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେଉଁମାନେ ଏବେ ମୋ ଜମାଅତ (ସଂପ୍ରଦାୟ) ସହିତ ଯୋଡ଼ି ହୋଇଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ଉନ୍ନତି ପ୍ରଦାନ କରନ୍ତୁ । ହ. ଶେଖ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ ଉକ୍ତ ପତ୍ରକୁ ପ୍ରକାଶ କରିବା ସମୟରେ ନିଜର ଏକ ଟିପ୍ପଣୀରେ ଉଲ୍ଲେଖ କରନ୍ତି ଯେ, ଏହି ପତ୍ରରୁ ସ୍ପଷ୍ଟ ଯେ ହଜରତ୍ ମସିହ ମଉଦ୍ ଅ.ସଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ଓ ତାହାଙ୍କ ମର୍ଯ୍ୟାଦା ତଥା ମହିମାର ଅପାର ପ୍ରଭାବ ରହିଛି ଏବଂ ନିଜର ବିନମ୍ରତା, ବିନୀତତା, ଦାରିଦ୍ର୍ୟତା, ଅଧମତା ଓ ତଲ୍ଲୀନତାର ଚରମ ପରାକାଷ୍ଠା ମଧ୍ୟ ସ୍ପଷ୍ଟ ରୂପେ ଦେଖାଯାଉଛି । ଏହିସବୁ ଅନୁଗ୍ରହ, ପ୍ରସନ୍ନତା ଓ ପୁରସ୍କାର ପାଇଁ କୃତଜ୍ଞତାର ଆତ୍ମା (ମନୋଭାବ) ଆପଣଙ୍କ ଭିତରେ ପ୍ରକାଶ ପାଉଛି ।"

(ମକ୍ତୁବାତେ ଅହମଦ୍, ଭାଗ-3, ପୃଷ୍ଠା-26)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ହ. ମସିହ୍ ମଉଦ୍ ଅ.ସ 'ମସୀହ୍‌ଙ୍କ ସଦୃଶ' (ମସୀଲେ ମସିହ୍) ହେବାର ଦାବି କଲେ ସେତେବେଳେ ମୌଲବୀ ମହମ୍ମଦ ହୁସୈନ୍ ବଟାଲୱୀ ସାହେବ କଠୋର ବିରୋଧ ଆରମ୍ଭ କଲେ ଏବଂ ଅତ୍ୟନ୍ତ ଅହଙ୍କାର ଶୈଳୀରେ ଅସଭ୍ୟ ଶଦ୍ଦ ଓ ଆକ୍ଷେପମୂଳକ ବ୍ୟବହାର କରି ହଜୁର ଅ.ସଙ୍କୁ ପତ୍ର ଲେଖିବା ଆରମ୍ଭ କଲେ । ସେ ଅର୍ଥାତ୍ ମୁହମ୍ମଦ୍ ହୁସୈନ୍ ବଟାଲୱୀ ସାହେବ ନିଜର ପତ୍ରିକା 'ଇଶାଅତୁସ୍ ସୁନ୍ନା'ରେ ମଧ୍ୟ ଅତ୍ୟନ୍ ଅଭଦ୍ର ଓ ଅଶିଷ୍ଟ ଶବ୍ଦ ବ୍ୟବହାର କରିବା ଆରମ୍ଭ କଲେ ଏବଂ ଘୋଷଣା କଲେ ଯେ ଏହା ଏକ ବିପଦ, ଉପଦ୍ରବ (ଫିତ୍‌ନା) ଅଟେ। ମୁଁ ଏହି ଜମାତଅକୁ ଛତ୍ରଭଙ୍ଗ କରି ରଖିଦେବି । ଏପର୍ଯ୍ୟନ୍ତ ସେ ଉଲ୍ଲେଖ କଲେ ଯେ, ଯେପରି ମୁଁ ମିର୍ଜା ସାହେବଙ୍କୁ ଆକାଶରେ ଚଢ଼ାଇଥିଲି, ଠିକ୍ ସେହିପରି ଏବେ ଭୂମିରେ ଖସାଇ ଦେବି । ଅର୍ଥାତ୍ **ନାଉଜୁବିଲ୍ଲାଃ** (ଆଲ୍ଲାଃ କ୍ଷମା କରନ୍ତୁ) ମୌଲବୀ ମୁହମ୍ମଦ ହୁସୈନ୍ ସାହେବ ପ୍ରଶଂସା କରି ହ. ମସିହ ମଉଦ୍ ଅ.ସଙ୍କୁ ଆକାଶରେ ଚଢ଼ାଇଥିଲେ, ଏବେ କହୁଛନ୍ତି ମୁଁ ତାକୁ ତଳେ ଖସାଇ ଦେବି ।

('ଇଶାଅତୁସ୍ ସୁନ୍ନା' 1890, ନଂ-1, ଭାଗ-13, ପୃଷ୍ଠା-3-4 ପତ୍ରିକାରୁ ଉଦ୍ଧୃତ)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୌଲବୀ ସାହେବଙ୍କର ଏହି ଧାରଣା ରହିଥିଲା ଯେ 'ବରାହୀନେ ଅହମଦୀୟା' ଉପରେ ମୋର ସମୀକ୍ଷା (ରିଭ୍ୟୁ) ହଜୁର ଅ.ସଙ୍କୁ ଆକାଶରେ ଚଢ଼ାଇଥିଲା । କିନ୍ତୁ ଏହି ସମସ୍ତ ଅସଭ୍ୟ ଭାଷା, ଅହଙ୍କାରପୂର୍ଣ୍ଣ କଥାବାର୍ତ୍ତା ଓ ପତ୍ରାଳାପ ଉତ୍ତରରେ ହଜୁର ଅ.ସ ଏପରି ଧୈର୍ଯ୍ୟ, ସହନଶୀଳତା ଓ ନମ୍ରତା ପ୍ରଦର୍ଶନ କଲେ ଯେ ତାହା ଯୀଶୁ ଖ୍ରୀଷ୍ଟଙ୍କ ସହନଶୀଳତାକୁ ମଧ୍ୟ ପଛରେ ପକାଇଦେବ । ଏଠାରେ ମୌଲବୀ ସାହେବଙ୍କ ନାମରେ ହଜୁର ଅ.ସଙ୍କର କେବଳ ଗୋଟିଏ ପତ୍ର ଉପସ୍ଥାପନ କରାଯାଉଛି, ଯହିଁରୁ ଏହା ସ୍ପଷ୍ଟ ହୋଇଥାଏ ଯେ ତାଙ୍କର କଟୁ ଭାଷା ଓ ଅହଙ୍କାର ବିରୁଦ୍ଧରେ ହଜୁର ଅ.ସଙ୍କ ହୃଦୟରେ ସହାନୁଭୂତି, ହିତୈଷୀ ମନୋଭାବ, ବିନୀତ ଏବଂ ନମ୍ରତାର ଏକ ସମୁଦ୍ର ପ୍ରବାହିତ ହେଉଥିଲା । ସୁତରାଂ ଆପଣ ଅ.ସ ମୌଲବୀ ସାହେବଙ୍କୁ ସମ୍ବୋଧନ କରି ଉଲ୍ଲେଖ କରନ୍ତି: "ମୌଲବୀ ସାହେବ ! ଆପଣଙ୍କ ପତ୍ର ମିଳିଲା । (ଆପଣଙ୍କ ଚିଠି ପାଇଲି) । ଯଦିଓ ଅଶେଷ ଦୟାବାନ୍ ଈଶ୍ୱର ଭଲ ଭାବେ ଜାଣନ୍ତି ଯେ ଏହି ବିନୀତ ତାହାଙ୍କ ତରଫରୁ ପ୍ରେରିତ ଅଟେ । ଏପରି ପ୍ରସଙ୍ଗରେ ଯେଉଁଠି ସାଧାରଣ ଲୋକଙ୍କ ଭ୍ରମର ଆଶଙ୍କା ଥାଏ, ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଓ ନିଶ୍ଚିତ ଭାବେ ଏହି ବିନୀତ ସମ୍ମୁଖରେ ପ୍ରକାଶ କରାଯାଇ ନାହିଁ, ସେପର୍ଯ୍ୟନ୍ତ ଏହି ବିନୀତ କଦାପି ତାହାକୁ ତୁଣ୍ଡରେ ଧରିବ ନାହିଁ। କିନ୍ତୁ ତହିଁରେ ସର୍ବଶକ୍ତିମାନ ଈଶ୍ୱରଙ୍କର କୌଣସି ଗୂଢ଼ ରହସ୍ୟ ଥିବ ଯେ, ମସୀହ୍‌ଙ୍କ ଅବତରଣ ପ୍ରସଙ୍ଗରେ ଯାହାକୁ ଇସ୍‌ଲାମ୍ ଧର୍ମର ମୂଳ ସତ୍ୟ ସହ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ଏବଂ ଜଣେ ମୁସଲମାନ ସମ୍ମୁଖରେ ଏହାର ପ୍ରକୃତ ସତ୍ୟ ପ୍ରକାଶ କରାଯାଇଛି, ଯାହା ଭାଇଚାରା ଦୃଷ୍ଟିରୁ ସୁଧାରଣା ରଖିବା ଉଚିତ୍। ଆପଣଙ୍କୁ ବିରୋଧାତ୍ମକ ଲେଖା ପାଇଁ ଉତ୍ସାହିତ କରାଯାଇଛି ।" ପ୍ରଥମତଃ କଥା ହେଲା, ମୁଁ ଯଦି କହିଲି ଯେ, ହ. ଇସା ଅ.ସ ମୃତ୍ୟୁବରଣ କରିଛନ୍ତି, ତେବେ ଜଣେ ମୁସଲମାନ ହିସାବରେ ଆପଣମାନେ ମୋତେ ସମର୍ଥନ ଜଣାଇବା ଉଚିତ୍ ଥିଲା । କିନ୍ତୁ ଆପଣମାନେ ବିରୋଧାତ୍ମକ କଥା ଆରମ୍ଭ କରିଦେଲେ । ଆପଣ ଅ.ସ କହିଲେ, ଯେ ଆପଣଙ୍କୁ ବିରୋଧାତ୍ମକ ଲେଖା ପାଇଁ ପ୍ରୋତ୍ସାହିତ କରାଯାଇଛି ଏବଂ ମୁଁ ଜାଣେ ଯେ ଏଥିରେ

ଆପଣଙ୍କର ସତ୍‌ଉଦ୍ଦେଶ୍ୟ ହୋଇଥିବ । ସମ୍ଭବତଃ ସତ୍‌ଉଦ୍ଦେଶ୍ୟରେ ଆପଣ ଏପରି କରିଥିବେ ଏବଂ ଯଦିଓ ମୋର ଆପଣଙ୍କ ବ୍ୟସ୍ତତା ତଥା ବ୍ୟାକୁଳତା ପ୍ରତି ଅଭିଯୋଗ ହୋଇ ଥାଇପାରେ । ଯେଉଁ ତରବରିଆ ଭାବ ଆପଣ ଦେଖାଉଛନ୍ତି ଏବଂ ତରବରରେ ଯେଉଁ ଶବ୍ଦ ସବୁ ବ୍ୟବହାର କରୁଛନ୍ତି ଏବଂ ଏହାକୁ ଯଦି ମୁଁ ସମ୍ମୁଖରେ କିମ୍ବା ଅନୁପସ୍ଥିତ ଭାବରେ ପ୍ରକାଶ କରେ । କିନ୍ତୁ ତଥାପି ଆପଣଙ୍କ ଉଦ୍ଦେଶ୍ୟ ପ୍ରତି ମୋର ସୁଧାରଣା ରହିଛି । ତଥାପି ମୁଁ ଆପଣଙ୍କ ପ୍ରତି ସୁଧାରଣା ପୋଷଣ କରିଥାଏ ଏବଂ ଆପଣଙ୍କୁ ବର୍ତ୍ତମାନର ଅଧିକାଂଶ ପଣ୍ଡିତ ତୁଳନାରେ ନୁହଁ ବରଂ ଯଦି ଆପଣ ବିରକ୍ତ ନ ହୁଅନ୍ତି, ତେବେ କେତେକ ଧାର୍ମିକ ପ୍ରଚେଷ୍ଟା ଦୃଷ୍ଟିରୁ ମୌଲବୀ ନଜୀର ହୁସେନ୍ ସାହେବଙ୍କ ଠାରୁ ମଧ ମୁଁ ଆପଣଙ୍କୁ ଶ୍ରେଷ୍ଠ ବିଦ୍ୱାନ ବୋଲି ମନେକରେ । ଯଦିଓ ମୁଁ ଆପଣଙ୍କ ସମ୍ମୁଖରେ ଏହିସବୁ କଥାର ଅଭିଯୋଗ କରେ, ତଥାପି ଆପଣଙ୍କ ଅନ୍ତରର ନିର୍ମଳତା ଯୋଗୁଁ ମୋର ଆପଣଙ୍କ ପ୍ରତି ପ୍ରେମ ରହିଛି । ଯଦି ମୋତେ ଚିହ୍ନା ନ ଯାଏ, ତେବେ ମୁଁ ବୁଝିବି ଯେ, ମୋ ପାଇଁ ଏହା ହିଁ ଭାଗ୍ୟରେ ଲେଖାଥିଲା । ଜୟ ଓ ପରାଜୟ ସହିତ ମୋର କୌଣସି ସମ୍ପର୍କ ନାହିଁ ବରଂ ଭକ୍ତିକତା, ଉପାସକତ୍ୱ ଓ ଆଜ୍ଞାପାଳନ ଆଦେଶ ସହିତ ହିଁ ମୋର ଅଭିପ୍ରାୟ ତଥା ସଂପର୍କ ରହିଛି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜ୍ଞାପାଳନ ସହିତ ହିଁ ମୋର ଲକ୍ଷ୍ୟ ଓ ଅଭିପ୍ରାୟ ଅଟେ । ମୁଁ ଜୟଯୁକ୍ତ ହେଉଛି ଅବା ନୁହେଁ ତାହା ସହିତ ମୋର କୌଣସି ସମ୍ପର୍କ ନାହିଁ। ମୋତେ ଆଲ୍ଲାଃତାଲା ଆଦେଶ ଦେଇଛନ୍ତି ଯେ, ହେ ପ୍ରତିଶ୍ରୁତ ମସିହ୍ ! ତୁମ୍ଭେ ଏପରି କର । ଏହାର ଆଜ୍ଞାବହତ୍ୱରେ ମୁଁ ଏପରି କରୁଛି । କାରଣ ମୁଁ ଦାବି କରିଛି। ମୁଁ ଜାଣେ ଯେ ଏହି ବିରୋଧରେ ଆପଣଙ୍କର ସତ୍‌ଉଦ୍ଦେଶ୍ୟ ହୋଇଥିବ । କିନ୍ତୁ ମୋ ନିକଟରେ ଭଲ ଏହା ଯେ, ଆପଣ ପ୍ରଥମେ ମୋ ସହିତ କଥାବାର୍ତ୍ତା କରି ଏବଂ ମୋର ପୁସ୍ତକଗୁଡ଼ିକୁ ଅର୍ଥାତ୍ ରିସାଲା ସଲାସା (ତିନୋଟି ପୁସ୍ତକ) 'ଫତହ୍ ଇସ୍‌ଲାମ', 'ତୌଜୀହ୍ ମରାମ' ଏବଂ 'ଇଜାଲା ଔହାମ୍' ଦେଖି କିଛି ଲେଖିଲେ ଭଲ ହେବ । ମୋତେ ଏଥିପାଇଁ କୌଣସି ଦୁଃଖ କିମ୍ବା କଷ୍ଟ ନାହିଁ ଯେ ଆପଣଙ୍କ ପରି ଜଣେ ବନ୍ଧୁ ବିରୋଧ କରିବାକୁ ପ୍ରସ୍ତୁତ ଓ ତତ୍ପର ଅଟନ୍ତି । କାରଣ ଏହି ମତପାର୍ଥକ୍ୟତା ମଧ ସତ୍ୟ ପାଇଁ ହିଁ ହୋଇଥିବ..." ସମ୍ଭବତଃ ଆପଣ ସତ୍ୟ ପାଇଁ ଲଢୁଥିବେ । କିନ୍ତୁ ଆପଣ ପ୍ରଥମେ ମୋର ବହିଗୁଡ଼ିକୁ ପାଠ କରି ନିଅନ୍ତୁ ।" ବର୍ତ୍ତମାନ ଆପଣଙ୍କ ସହିତ ସାକ୍ଷାତ କରିବା ପାଇଁ ମୋର ସ୍ୱାସ୍ଥ୍ୟ ଠିକ୍ ଅଛି ।"ମୁଁ ସାକ୍ଷାତ୍ କରିବାକୁ ଆସିପାରିବି ।" ଯଦି ଆପଣ ବଟାଲାକୁ ଆସି ଯାଆନ୍ତି, ତେବେ ଯଦିଓ ମୁଁ ଅସୁସ୍ଥ ଏବଂ ମୁଣ୍ଡ ବୁଲାଇବା ଏତେ ଅଧିକ ଯେ ଠିଆ ହୋଇ ନମାଜ୍ ପଢ଼ି ହେଉ ନାହିଁ, ତଥାପି ମୁଁ ପଡ଼ି ଉଠି ଅର୍ଥାତ୍ ଅତି କଷ୍ଟରେ ଆପଣଙ୍କ ପାଖରେ ପହଞ୍ଚି ପାରିବି ।" **(ମକ୍ତୁବାତେ ଅହମଦ୍, ଭାଗ-1, ପୃଷ୍ଠା-311, ପତ୍ର ନଂ-6)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ମୋତେ ମୁଣ୍ଡବିନ୍ଧା ଓ ମୁଣ୍ଡ ବୁଲାଇବାର ସମସ୍ୟା ଅଛି । କିନ୍ତୁ ଏତିକି ସ୍ୱାସ୍ଥ୍ୟ ତ' ଅଛି ଯେ ମୁଁ ଯାତ୍ରା କରିପାରିବି । ତେବେ ସେ ଯାହା ହେଉ ମୁଁ ପହଞ୍ଚିଯିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହଜରତ ମସିହ୍ ମଉଦ୍ ଅ.ସ ମୌଲବୀ ମହମ୍ମଦ ହୁସେନ୍ ବଟାଲ୍‌ୱୀ ସାହେବଙ୍କ ନାମରେ ଅନ୍ୟ ଏକ ପତ୍ରରେ ଉଲ୍ଲେଖ କରନ୍ତି: "ଯଦି ଆପଣ ବିରକ୍ତ ଏବଂ ରୁଷ୍ଟ ନ ହୁଅନ୍ତି ତେବେ ଏହି ବିନୀତର ଜାଣତରେ ମୋର ଭାଇ ମୌଲବୀ ହକୀମ୍ ନୁରୁଦ୍ଦୀନ୍ ସାହେବଙ୍କ ବିରୋଧରେ ଆପଣଙ୍କ ଲେଖାରେ କିଛିଟା କଠୋରତା ଥିଲା ।" ହକୀମ୍ ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ ଆପଣଙ୍କୁ ଯେଉଁ ଚିଠି ଲେଖିଥିଲେ, ତାହାର ଉତ୍ତରରେ ଆପଣ ବହୁତ କଠୋର ଶବ୍ଦ ବ୍ୟବହାର କରିଛନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ସର୍ବଶକ୍ତିମାନ ଈଶ୍ୱର ସଦାସର୍ବଦା ବିନୀତତା ଓ ବିନମ୍ରତାକୁ ପସନ୍ଦ କରନ୍ତି ଏବଂ ଧର୍ମଗୁରୁ ଓ ପଣ୍ଡିତମାନଙ୍କର ଆଚରଣ ନିଜ ଭାଇମାନଙ୍କ ସହତି ସବୁଠାରୁ ଉଚ୍ଚକୋଟୀର ହେବା ଉଚିତ୍ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଚରଣ ଓ ନୈତିକତା ଭଲ ହେବା ଉଚିତ୍ । ଯେଉଁ ଧର୍ମର ସମର୍ଥନ ଓ ସହାନୁଭୂତି ପାଇଁ ଦିବାରାତ୍ର ପ୍ରଚେଷ୍ଟା ଚାଲିଛି, ତାହା କ'ଣ ଅଟେ ? ତାହା କେବଳ ଏତିକି ହିଁ ଯେ, ଆଲ୍ଲାଃତାଲା ଏବଂ ତାହାଙ୍କ ପ୍ରେରିତ ବାର୍ତ୍ତାବହଙ୍କ ଇଚ୍ଛା ଅନୁସାରେ ଆମର ସମସ୍ତ ସ୍ଥିତି, କାର୍ଯ୍ୟ, ଚାଲିଚଳନ ଓ ଆଚରଣ ହୋଇଯାଉ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ମୋ ଧାରଣାରେ, ଚରିତ୍ରର ସମସ୍ତ ଭାଗ ମଧ୍ୟରୁ ଯେଉଁଭଳି ଈଶ୍ୱର ବିନୀତତା, ନମ୍ରତା, ଭଦ୍ରତା ଏବଂ ଅହଙ୍କାର ବିପରୀତ ଭାବନାକୁ ପସନ୍ଦ କରନ୍ତି ଏବଂ ଏପରି ଆଚରଣକୁ ଅନ୍ୟ କୌଣସି ବିଭାଗ ସେତେ ପସନ୍ଦ କରନ୍ତି ନାହିଁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋର ମନେଅଛି ଯେ ଥରେ ଜଣେ କଠୋର ଅଧାର୍ମିକ ହିନ୍ଦୁ ବ୍ୟକ୍ତି ସହିତ ଏହି ବିନୀତର କଥାବାର୍ତ୍ତା ହେଲା ଏବଂ ସେ ପବିତ୍ର ଇସ୍‌ଲାମ୍ ଧର୍ମର ଅନାଦର ତଥା ତିରସ୍କାର କରିବା ପାଇଁ ସୀମାହୀନ କଟୁ ଶବ୍ଦ ବ୍ୟବହାର କଲା । ଧାର୍ମିକ ସ୍ୱାଭିମାନ ଯୋଗୁଁ ଏହି ବିନୀତ 'وَاغْلُظْ عَلَيْهِمْ' ଅର୍ଥାତ୍ ସେମାନଙ୍କ ପ୍ରତି କଠୋର ହୁଅ । ଏହି ଆଦେଶାବଳୀ ଉପରେ କିଛିଟା କାର୍ଯ୍ୟାନୁସରଣ କଲା, କିନ୍ତୁ ଯେହେତୁ ଜଣେ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କଠୋରତା ଓ କଟାକ୍ଷ କରାଯାଇଥିଲା ତେଣୁ ଇଲ୍‌ହାମ୍ (ଐଶୀବାଣୀ) ହେଲା ଯେ, 'ତୁମ ବକ୍ତବ୍ୟରେ କଠୋରତା ଅଧିକ ଅଛି, ତୁମେ କୋମଳତା ଅବଲମ୍ବନ କର, ତୁମେ କୋମଳତା ଅବଲମ୍ବନ କର ।" ଯଦିଓ ମୁଁ ତାର ଉତ୍ତର ଦେଇଥିଲି । ତଥାପି ସେଥି ସଂକ୍ରାନ୍ତରେ ମଧ ଅଲ୍ଲାଃତାଲା ମୋତେ କହିଲେ ଯେ ତୁମେ ନମ୍ରତା ଏବଂ କୋମଳତା ଅବଲମ୍ବନ କର । ଯଦି ମୁଁ ନ୍ୟାୟର ସହିତ ଦେଖୁ ତେବେ ମୁଁ କ'ଣ ଏବଂ ମୋର ଜ୍ଞାନ କ'ଣ ? ଯଦି ସମୁଦ୍ରରେ ଗୋଟିଏ ଚଢ଼େଇ ଥଣ୍ଟ ମାରେ (ଅର୍ଥାତ୍ ଥଣ୍ଟ ମାରି ପାଣି ପିଏ ତେବେ ସେଥିରୁ (ସମୁଦ୍ରରୁ) କ'ଣ ଜଳ କମିଯିବ ? ତେଣୁ ମୋ ପାଇଁ ମଧ ଏହା ଶ୍ରେୟସ୍କର ତଥା ଉତ୍ତମ ଅଟେ ଯେ, ଯେପରି ମୁଁ ପ୍ରକୃତରେ ବିନୀତ ଓ ଅଧମ ଅଟେ । ଧୂଳି ସଦୃଶ ନମ୍ର ଓ ଧୂଳି ହିଁ ହୋଇ ରହିବି । ଅପରପକ୍ଷେ ମୋର ପ୍ରଭୁ ମୋଠାରୁ ଅହଙ୍କାର ଓ ଗର୍ବ ପସନ୍ଦ କରନ୍ତି ନାହିଁ, ତେବେ ମୁଁ କାହିଁକି କରିବି ? ମୋ ପାଇଁ ଏପରି ସମ୍ମାନ ଅପେକ୍ଷା ସେହି ଅସମ୍ମାନ ଭଲ, ଯାହା ଦ୍ୱାରା ମୁଁ ଈଶ୍ୱରଙ୍କ କ୍ରୋଧର ପାତ୍ର ହେବାରୁ ରକ୍ଷା ପାଇଯିବି ।" **(ମକ୍ତୁବାତେ ଅହମଦ୍, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-315-316, ପତ୍ର ନଂ-8)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କୁ ରୁଷ୍ଟ କରିବା ଅପେକ୍ଷା ମୋର ଅସମ୍ମାନ ଓ ତିରସ୍କାର ଯଦି ହୁଏ ତେବେ ତାହା ଭଲ (ଶ୍ରେୟସ୍କର ଅଟେ)। ତେଣୁ ଆପଣ ଅ.ସଙ୍କର ପ୍ରତ୍ୟେକଟି କଥନ ଓ କୃତ୍ୟ ବିନୀତତାର ପରିପ୍ରକାଶ ଦ୍ୱାରା ପରିପୂର୍ଣ୍ଣ ଥିଲା। କେବଳ ଏହି ଗୋଟିଏ ସନ୍ଧାନ ଥିଲା ଯେ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତ ହେଉ। ତାହାଙ୍କର ସନ୍ଦେଶ ବିଶ୍ୱରେ ପହଞ୍ଚାଇ ଦିଆଯାଉ ଏବଂ ତାହାଙ୍କର ଏକେଶ୍ୱରବାଦକୁ ସ୍ଥାପିତଚ କରାଯାଉ । ଆମକୁ ମଧ ଆପଣ ଅ.ସ ବାରମ୍ବାର ଏହି ଉପଦେଶ ଦେଇଛନ୍ତି ଯେ ନମ୍ରତା ବିନୀତତା ଅବଲମ୍ବନ କର । ତହିଁରେ ହିଁ ତୁମର ମଙ୍ଗଳ ରହିଛି । ଉକ୍ତ ପ୍ରସଙ୍ଗ ହିଁ ତୁମକୁ ସର୍ବଶକ୍ତିମାନ ଈଶ୍ୱରଙ୍କ ସାନ୍ନିଧ ପ୍ରଦାନ କରିବ । ଅଲ୍ଲାଃତାଲା ଆମମାନଙ୍କୁ ବିନୀତତା ଓ ବିନମ୍ରତାର ମାର୍ଗକୁ ଅବଲମ୍ବନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟର୍‌ନ୍ୟାସ୍‌ନଲ୍ 19 ଜୁନ୍ 2026 ମସିହା, ପୃଷ୍ଠା-1-8)**

☆☆☆

ବିଗତ ସଂଖ୍ୟା-30-31, ପୃ-12ରେ ବର୍ଣ୍ଣିତ ସିରତ ଖାତମୁନ୍ ନବିୟୀନ୍ ସ.ଅର ଅବଶିଷ୍ଟାଂଶ

କିନ୍ତୁ ଶୀଘ୍ର ହିଁ ହଲୀମା (ର:)ଙ୍କୁ ଜଣାପଡ଼ିଗଲା ଯେ ଯେଉଁ ଶିଶୁଙ୍କୁ ସେ ନିଜ ସହିତ ଆଣିଛନ୍ତି, ତାଙ୍କର ଭାଗ୍ୟ ନକ୍ଷତ୍ର ଅତ୍ୟନ୍ତ ଉଜ୍ଜ୍ୱଳ । ସୁତରାଂ ତାଙ୍କର ନିଜସ୍ୱ ବର୍ଣ୍ଣନା ରହିଛି ଯେ, ହଜରତ ଆଁହଜରତ୍ ସ.ଅଙ୍କ ଆସିବା ପୂର୍ବରୁ ଆମ ଉପରେ ଅତ୍ୟନ୍ତ ଅଭାବ ଓ ଅନଟନର ସମୟ ଥିଲା, କିନ୍ତୁ ଆପଣ ସ.ଅଙ୍କ ଆସିବା ମାତ୍ରେ ଆମର ଏହି ଅଭାବ ଏବଂ ଦାରିଦ୍ୟତା ପ୍ରାଚୁର୍ଯ୍ୟତାରେ ବଦଳିଗଲା ଏବଂ ଆମର ପ୍ରତ୍ୟେକଟି ଜିନିଷରେ କଲ୍ୟାଣ ଦୃଶ୍ୟମାନେ ହେବାକୁ ଲାଗିଲା । ହଲୀମାଙ୍କ ସେହି ପୁଅ ଯିଏ ଆଁହଜରତ୍ ସ.ଅଙ୍କ ସହିତ କ୍ଷୀର ପିଉଥିଲା ତା'ର ନାମ ଅବଦୁଲ୍ଲାଃ ଥିଲା । ତା'ର ଜଣେ ବଡ଼ ଭଉଣୀ ମଧ ଥିଲେ, ଯାହାଙ୍କ ନାମ ଶୀମା ଥିଲା, ଯିଏ ହଜରତ ମହମ୍ମଦ ସ.ଅଙ୍କୁ ବହୁତ ସ୍ନେହ କରୁଥିଲେ ।

ଦୁଇ ବର୍ଷ ପରେ ଯେତେବେଳେ ସ୍ତନ୍ୟପାନ (ରିଜାଅତ୍)ର ଅବଧି ପୂରଣ ହେଲା, ସତେବେଳେ ରୀତି ଅନୁସାରେ ହଲୀମା ଆପଣ ସ.ଅଙ୍କୁ ନେଇ ମକ୍କାକୁ ଆସିଲେ । କିନ୍ତୁ ତାଙ୍କୁ ହଜରତ୍ ମହମ୍ମଦ ସ.ଅଙ୍କ ପ୍ରତି ଏତେ ପ୍ରେମ ଏବଂ ଭାବ ହୋଇଯାଇଥିଲା ଯେ ତାଙ୍କ ମନ ଚାହୁଁଥିଲା, ଯଦି ସମ୍ଭବ ହୁଏ ତେବେ ଆପଣ ସ.ଅଙ୍କ ମାତାଙ୍କ ଠାରୁ ଅନୁମତି ନେଇ ଆପଣ ସ.ଅଙ୍କୁ ପୁଣି ଫେରାଇ ନେବେ । ସୁତରାଂ ସେ ଜିଦ୍ କରି କହିଲେ ଯେ, ହେ ଆମିନା ! 'ଏବେ ଏହି ବାଳକକୁ ଆଉ କିଛି ସମୟ ମୋ ପାଖରେ ରହିବାକୁ ଦିଅନ୍ତୁ, ମୁଁ ସବୁ ପ୍ରକାରେ ଏହି ବାଳକର ଯତ୍ନ ନେବି । ଆମିନା ପ୍ରଥମେ ତ' ମନା କଲେ, କିନ୍ତୁ ପରେ ତାଙ୍କର ଜିଦ୍ ଦେଖି ଏବଂ ଏହି କଥା ଭାବି ଯେ ମକ୍କାର ଜଳବାୟୁ ତୁଳନାରେ ବାହାରର ଜଳବାୟୁ ଭଲ ଅଟେ । ସେହି ଦିନମାନଙ୍କରେ ମକ୍କାର ଜଳବାୟୁ କିଛିଟା ଖରାପ ମଧ ଥିଲା । ଆମିନା ରାଜି ହୋଇଗଲେ। ହଲୀମା ଆପଣ ସ.ଅଙ୍କୁ ନେଇ ପୁଣି ଖୁସି ଖୁସି ନିଜ ଘରକୁ ଫେରିଗଲେ ଏବଂ ଏହା ପରେ ପ୍ରାୟ ଚାରି ବର୍ଷ ବୟସ ପର୍ଯ୍ୟନ୍ତ ଆପଣ ସ.ଅ ହଲୀମାଙ୍କ ପାଖରେ ରହିଲେ ଓ ବନୁ ସାଆଦ୍ ଜନଜାତିର ବା ସଂପ୍ରଦାୟର ପୁଅ ଝିଅଙ୍କ ସହିତ ଖେଳାଖେଳି କରି ବଡ଼ ହେଲେ । ଏହି କବିଲାର ଭାଷା ବିଶେଷ ଭାବେ ସ୍ୱଷ୍ଟ, ସୁନ୍ଦର, ଆଳଂକାରିକପୂର୍ଣ୍ଣ ଥିଲା ଏବଂ ହଜରତ ମୁହମ୍ମଦ ସ.ଅ ମଧ ଏହି ଭାଷା ଶିଖିଲେ ।

ହଲୀମା ଆପଣ ସ.ଅଙ୍କୁ ବହୁତ ସ୍ନେହ କରୁଥିଲେ ଏବଂ ସଂପ୍ରଦାୟର ସମସ୍ତ ଲୋକମାନେ ଆପଣ ସ.ଅଙ୍କୁ ପ୍ରେମ ଚକ୍ଷୁରେ ଦେଖୁଥିଲେ । କିନ୍ତୁ ଯେତେବେଳେ ଆପଣ ସ.ଅଙ୍କ ବୟସ ଚାରି ବର୍ଷ ହେଲା, ସେତେବେଳେ ଏପରି ଏକ ଘଟଣା ଘଟିଲା, ଯାହା ଯୋଗୁଁ ହଲୀମା ଭୟଭୀତ ହୋଇଗଲେ ଏବଂ ଆପଣ ସ.ଅଙ୍କୁ ମକ୍କାକୁ ଫେରାଇ ଆଣି ଆପଣ ସ.ଅଙ୍କ ମାତାଙ୍କୁ ହସ୍ତାନ୍ତର କରିଦେଲେ । ଏହି ଘଟଣା ଇତିହାସରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଥରେ ଆପଣ ସ.ଅ ନିଜର ଧାତ୍ରୀ-ଭାଇ (ରଜାଈ ଭାଇ)ଙ୍କ ସହ ମିଶି ଖେଳୁଥିଲେ ଏବଂ ପାଖରେ କୌଣସି ବଡ଼ ଲୋକ ନଥିଲେ । ହଠାତ୍ ଦୁଇ ଜଣ ଧଳା ପୋଷାକ ପରିହିତ ବ୍ୟକ୍ତି ଦଶ୍ୟମାନେ ହେଲେ (ଦେଖାଗଲେ) ଏବଂ ସେମାନେ ଆପଣ ସ.ଅଙ୍କୁ ଧରି ଭୂମିରେ ଶୁଆଇଦେଲେ ଓ ଆପଣ ସ.ଅଙ୍କ ଛାତି ବିଦୀର୍ଣ୍ଣ କରିଦେଲେ (ଚିରିଦେଲେ)। ଏହି ଦୃଶ୍ୟ ଦେଖି ଆପଣ ସ.ଅଙ୍କ ଧାତ୍ରୀ-ଭାଇ ଅବ୍‌ଦୁଲ୍ଲାଃ ବିନ୍ ହାରିସ୍ ଦଉଡ଼ିଗଲେ ଏବଂ ନିଜ ବାପା-ମା'ଙ୍କୁ ଖବର ଦେଲେ ଯେ, 'ମୋର କୁରୈଶୀ ଭାଇଙ୍କୁ ଦୁଇଜଣ ଲୋକ ଧରି ନେଇଛନ୍ତି ଏବଂ ତାଙ୍କ ଛାତି ଚିରୁଛନ୍ତି ।' ହାରିସ୍ ଏବଂ ହଲୀମା ଏହା ଶୁଣିବା ମାତ୍ରେ ଧାଇଁ ଆସିଲେ । ତେବେ ସେମାନେ ଦେଖିଲେ ଯେ ସେଠାରେ କୌଣସି ଲୋକ ନାହାନ୍ତି । କିନ୍ତୁ ହଜରତ ମହମ୍ମଦ ସ.ଅ ଏକ ଭୟଭୀତ ଅବସ୍ଥାରେ ଠିଆ ହୋଇଛନ୍ତି ଏବଂ ମୁହଁର ରଙ୍ଗ ବଦଳିଯାଇଛି । ଅବଶିଷ୍ଟାଂଶ..ପୃ-12 ରେ

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP-40/2026-2028 Vol. 11 Thursday- 06 Aug 2026 Issue No. 32
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

ପୃ-11 ବର୍ଣ୍ଣିତ ସିରତ ଖାତମୁନ୍ ନବିୟୀନ ସ.ଅର ଅବିଶିଷ୍ଟାଂଶ

ହଲୀମା ଆଗେଇ ଆସି ଆପଣ ସ.ଅଙ୍କୁ କୁଣ୍ଢାଇ ପକାଇଲେ ଏବଂ ପଚାରିଲେ, ପୁଅ କ'ଣ ହେଲା ? ହଜରତ ମହମ୍ମଦ ସ.ଅ ସମସ୍ତ ବୃତ୍ତାନ୍ତ ଶୁଣାଇଲେ ଏବଂ କହିଲେ ଯେ, ସେହି ଲୋକମାନେ କୌଣସି ଜିନିଷ ମୋ ଛାତି ଭିତରେ ଖୋଜୁଥିଲେ, (ଏଠାରେ ଏହା ମନେରଖିବା ଉଚିତ୍ ଯେ, ହଲିମା ଏବଂ ହାରିସ୍ ସେଠାରେ ଅର୍ଥାତ୍ ସେହି ସ୍ଥାନରେ କୌଣସି ରକ୍ତପାତ ହଇଥିବାର ପାଇଲେ ନାହିଁ ଏବଂ ନା ହିଁ ଛାତି ଚରିଥିବାର ଅନ୍ୟ କୌଣସି ଲକ୍ଷଣ ଦେଖିଲେ ଓ ନା ହିଁ ବାହାରେ କଢା ହୋଇଥିବା କୌଣସି ବସ୍ତୁ ସେମାନଙ୍କୁ ଦୃଶ୍ୟମାନ ହେଲା ?) ଯାହାକୁ ସେମାନେ ବାହାରେ କାଢି ଫିଙ୍ଗିଦେଲେ । ପରେ ହଲୀମା ଏବଂ ହାରିସ୍ ଆପଣ ସ.ଅଙ୍କୁ ନିଜ ତମ୍ବୁକୁ ନେଇଗଲେ ଏବଂ ହାରିସ୍ ହଲୀମାଙ୍କୁ କହିଲେ, ହେ ହଲୀମା ! ମୋତେ ଭୟ ଲାଗୁଛି ଯେ ଏହି ପୁଅର କିଛି ହୋଇଯାଇଛି (ଅର୍ଥାତ୍ କୌଣସି ଜିନ୍‌ର ସଂସ୍ପର୍ଶରେ ଆସି ଯାଇଛି) । ତେଣୁ ଉଚିତ୍ ହେବ ଯେ ତୁମେ ଏହାକୁ ତୁରନ୍ତ ନେଇ ତାଙ୍କ ମାତାଙ୍କୁ ହସ୍ତାନ୍ତର କରିଦିଅ । ସୁତରାଂ ହଲୀମା ଆପଣ ସ.ଅଙ୍କୁ ମକ୍କାକୁ ଆଣିଲେ ଏବଂ ଆମିନାଙ୍କୁ ହସ୍ତାନ୍ତର କରିଦେଲେ । ଆମିନା ଯେତେବେଳେ ଏହି ତରବରିଆର କାରଣ ପଚାରିଲେ ଏବଂ ଜିଦ୍ କଲେ, ସେତେବେଳେ ହଲୀମା ତାଙ୍କୁ ସମସ୍ତ ବୃତ୍ତାନ୍ତ ଶୁଣାଇଦେଲେ ଏବଂ ଏହି ଭୟ ପ୍ରକାଶ କଲେ ଯେ ହେ ଆମିନା! ବୋଧହୁଏ ଏହି ପୁଅ କୌଣସି ଭୂତ ପ୍ରେତ ଆଦିର ସଂସ୍ପର୍ଶରେ ଆସିଯାଇଛି । ଆମିନା କହିଲେ, 'ଏପରି ଆଦୌ ହୋଇପାରିବ ନାହିଁ । ମୋ ପୁଅ ବହୁତ ମହାନ୍ ମହିମାବାନ୍ ପୁତ୍ର ଅଟେ । ଯେତେବେଳେ ଏହି ସନ୍ତାନ ଗର୍ଭରେ ଥିଲା, ସେତେବେଳେ ମୁଁ ଦେଖିଥିଲି ଯେ ମୋ ଭିତରୁ ଏକ ଦିବ୍ୟ ଆଲୋକ (ନୁର୍) ବାହାରିଲା, ଯାହା ଦୂର ଦୂରାନ୍ତ ଦେଶ ପର୍ଯ୍ୟନ୍ତ ବ୍ୟାପିଗଲା । **(ଇବ୍‌ନେ ହସ୍ଶାମ୍)**

ଏହି ଘଟଣାର ସାଧାରଣ ସମର୍ଥନ ସହି ମୁସ୍‌ଲିମ୍‌ର ଏକ ବର୍ଣ୍ଣନାରୁ ମଧ୍ୟ ମିଳିଥାଏ ଯହିଁରେ ହ. ଅନସ୍ ବନ୍ ମାଲିକ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ ଥରେ ହଜରତ୍ ମୁହମ୍ମଦ ସ.ଅ କିଛି ପିଲାଙ୍କ ସହିତ ଖେଳୁଥିବା ସମୟରେ ହୟ ଜିବ୍ରାଇଲ୍ ଅ.ସ ଆଁହଜରତ୍ ସ.ଅଙ୍କ ପାଖକୁ ଆସିଲେ । ସେ ତାଙ୍କୁ ଭୂମିରେ ଶୁଆଇ ତାଙ୍କ ଛାତି ଚିରିଦେଲେ ଏବଂ ତାଙ୍କ ଛାତି ଭିତରୁ ହୃଦୟ ବାହାର କରି ସେଥିରୁ କିଛି ଜିନିଷ କାଢ଼ି ବାହାରକୁ ଫିଙ୍ଗିଦେଲେ । ତତ୍‌ସହିତ ସେ ଏହା କହିଲେ ଯେ, ଏହା ଦୁର୍ବଳତାର ମଳିନତା ଥିଲା, ଯାହାକୁ ଏବେ ଆପଣଙ୍କ ଠାରୁ ପୃଥକ୍ କରିଦିଆଯାଇଛି । ଏହା ପରେ ହ. ଜିବ୍ରାଇଲ୍ ଅ.ସ ତାଙ୍କ ହୃଦୟକୁ ସ୍ୱଚ୍ଛ ଜଳରେ ଧୋଇଦେଲେ ଏବଂ ପୁଣି ଛାତିରେ ରଖି ତାହାକୁ ଯୋଡ଼ିଦେଲେ । ଯେତେବେଳେ ପିଲାମାନେ ହ. ଜିବ୍ରାଇଲ ଲଅ.ସଙ୍କୁ ଦେଖିଲେ ଯେ, ସେ ଆଁହଜରତ୍ ସ.ଅଙ୍କୁ ଭୂମି ଉପରେ ପକାଇ ଛାତି ଚିରୁଥିବାର ଦେଖିଲେ ସେତେବେଳେ ସେମାନେ ଭୟଭୀତ ହୋଇ ଦଉଡ଼ିଯାଇ ତାଙ୍କ ଧାଈ ମା'ଙ୍କ ପାଖରେ ପହଞ୍ଚି କହିଲେ ଯେ ହେ ଧାଈ ହଲୀମା ! ମୁହମ୍ମଦଙ୍କୁ କେହି ହତ୍ୟା କରିଦେଇଛି । ଯେତେବେଳେ ଏହି ଲୋକମାନେ ଅର୍ଥାତ୍ ଧାଈ ହଲୀମା ଏବଂ ଅନ୍ୟ ଲୋକମାନେ ଆପଣଙ୍କ ସ.ଅଙ୍କ ପାଖରେ ପହଞ୍ଚିଲେ, ସେତେବେଳେ ଦେବଦୂତ (ଫରିସ୍ତା) ଅଦୃଶ୍ୟ ହୋଇ ସାରିଥିଲା ଏବଂ ଆପଣ ସ.ଅ ଏକ ଭୟଭୀତ ଅବସ୍ଥାରେ ଛିଡ଼ା ହୋଇଥିଲେ ।

(ସହି ମୁସ୍‌ଲିମ୍, ଗ୍ରନ୍ଥଖଣ୍ଡ-1, ବାବୁଲ୍ ଇସ୍ରାଆ)

ସହି ମୁସ୍‌ଲିମ୍‌ର ପ୍ରମାଣ ପରେ ଇବ୍‌ନେ ହିସ୍ଶାମ୍‌ଙ୍କ ବର୍ଣ୍ଣନାକୁ ଏପରି ଶକ୍ତି ଓ ସମର୍ଥନ ମିଳେ ଯେ କୌଣସି ଦୃଢ଼ ପ୍ରମାଣ ବିନା ଆମେ ଏହାକୁ ଦୁର୍ବଳ ବୋଲି କହି ପ୍ରତ୍ୟାଖ୍ୟାନ କରିପାରିବା ନାହିଁ । କିନ୍ତୁ ଏହା ସ୍ପଷ୍ଟ ଯେ ଉକ୍ତ ଘଟଣା ଏକ ଆଧ୍ୟାତ୍ମିକ ଏବଂ ତନ୍ଦ୍ରାବସ୍ଥା ଜନିତ ଦୃଶ୍ୟ (କଶ୍‌ଫୀ ନଜାରା) ଥିଲା । (କେତେକ ଦର୍ଶକମାନେ ସମ୍ଭବତଃ ଲକ୍ଷଣାର୍ଥ ଏବଂ ପାରିଭାଷାକି ସହିତ ଅବଗତ ନୁହନ୍ତି । ତେଣୁ ସେମାନଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଉଲ୍ଲେଖ କରାଯାଇଥାଏ ଯେ, ଯେପରି ମନୁଷ୍ୟକୁ ରାତ୍ର ସମୟରେ ଶୋଇବା ଅବସ୍ଥାରେ କୌଣସି ସ୍ୱପ୍ନର ଦୃଶ୍ୟ ଦୃଶମାନେ କରାଯାଇଥାଏ । ଯେଉଁ ଦୃଶ୍ୟକୁ ସେ ସେତେବେଳେ ପ୍ରକୃତ ବୋଲି ମନେକରିଥାଏ । କିନ୍ତୁ ବାସ୍ତାବରେ ତାହା ସ୍ୱପ୍ନ ହୋଇଥାଏ । ଠିକ୍ ସେହିପରି ବେଳେବେଳେ ଏପରି ଦୃଶ୍ୟ ଈଶ୍ୱର ନିଜର ବିଶେଷ ଭକ୍ତମାନଙ୍କୁ ଜାଗ୍ରତାବସ୍ଥାରେ ଦୃଶ୍ୟମାନ ହୋଇଥାଏ । ଅର୍ଥାତ୍ ଜାଗ୍ରତାବସ୍ଥାରେ ସେମାନଙ୍କ ଉପରେ ଏପରି ଏକ ଅବସ୍ଥା ଆଚ୍ଛନ୍ନ ହୋଇଯାଇଥାଏ ଯେ, ସେମାନେ ପ୍ରକାଶ୍ୟଗତ ଚେତନାବସ୍ଥା ଠାରୁ ପୃଥକ ହୋଇ ଅବା ବେଳେବେଳେ ପ୍ରକାଶ୍ୟଗତ ଚେତନାବସ୍ଥାରେ ଥାଇ ମଧ୍ୟ କୌଣସି ଦୃଶ୍ୟକୁ ସେମାନେ ଅବଲୋକନ କରିଥାଆନ୍ତି । ଏପରି ଅବସ୍ଥାରେ ସେମାନେ ଯେଉଁ ଦୃଶ୍ୟକୁ ଅବଲୋକନ କରନ୍ତି ତାହାକୁ ପାରିଭାଷିକ ଭାଷାରେ କଶ୍‌ଫ୍ ଅର୍ଥାତ୍ ସ୍ୱପ୍ନାବସ୍ଥା କୁହାଯାଇଥାଏ । ସ୍ୱପ୍ନରେ ବେଳେବେଳେ ଏପରି ମଧ୍ୟ ହୋଇଥାଏ ଯେ, ଏକାଧିକ ଲୋକମାନଙ୍କ ପର୍ଯ୍ୟନ୍ତ ଏହାର ପ୍ରଭାବ ପହଞ୍ଚିଥାଏ ।)

(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ)

ସିରତୁଲ୍ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ଦଦା ମହୋଦୟଙ୍କର ଏହି ଧାରଣ ରହିଥିଲା ଯେ, ସେ ଯାହା ବି ହେଉ, କାଦିୟାନ୍ ଏବଂ ଆଖପାଖ ଅଞ୍ଚଳର ପୁରୁଣା ପୈତୃକ ଅଧିକାର ଯେପରି ହାତରୁ ନ ଯାଉ । ଏବଂ ଆମେ ଶୁଣିଛୁ ଯେ ଦାଦା ସାହେବ କହୁଥିଲେ, କାଦିୟାନ୍‌ର ମାଲିକାନା ମୋ ପାଇଁ ଗୋଟିଏ ରାଜ୍ୟ ଅପେକ୍ଷା ଅଧିକ ଶ୍ରେୟସ୍କର ଓ ଉତ୍ତମ ଅଟେ । ବିନୀତ କହି ଦେଉଛ ଯେ, କାଦିୟାନ୍ ଆମର ପୂର୍ବପୁରୁଷମାନଙ୍କ ଦ୍ୱାରା ବସତି ସ୍ଥାପନ କରାଯାଇଥିବା ସହର ଅଟେ । ଆମର ପୂର୍ବପୁରୁଷମାନେ ବାବରଙ୍କ ଶାସନକାଳର ଶେଷ ସମୟରେ ଭାରତକୁ ଆସିଥିଲେ । କାଦିୟାନ୍ ଏବଂ ଏହାର ଚାରିପାଖରେ କେତେକ ମାଇଲ୍ ପର୍ଯ୍ୟନ୍ତ ଗ୍ରାମଗୁଡ଼ିକ ଆମ ପୂର୍ବପୁରୁଷଙ୍କ ପାଖରେ ଗୋଟିଏ ରାଜ୍ୟ କିମ୍ବା ଜାଗିର ଭାବରେ ରହିଥିଲା । ରାମଗଡ଼ିଆ ଶିଖମାନଙ୍କ ସମୟରେ ଆମ ପରିବାରକୁ ଅନେକ ଦୁଃଖକଷ୍ଟ ଦେଖିବାକୁ ପଡ଼ିଥିଲା ଏବଂ ବହୁତ କ୍ଷତି ହୋଇଥିଲା । କିନ୍ତୁ ପରେ ରାଜା ରଞ୍ଜିତ ସିଂହଙ୍କ ଶାସନକାଳରେ ଆମ ଜାଗିରର କିଛି ଅଂଶ ଆମ ପୂର୍ବପୁରୁଷଙ୍କୁ ଫେରସ୍ତ ମିଳିଗଲା । କିନ୍ତୁ ପୁନଶ୍ଚ ପରବର୍ତ୍ତୀ ସମୟରେ ଇଂରେଜ ଶାସନର ପ୍ରାରମ୍ଭରେ ପୂର୍ବର ଅନେକ ଅଧିକାର ବାଜ୍ୟାପ୍ତ (ଜବତ) ହୋଇଗଲା ଏବଂ କେତେକ ମାମଲା କୋର୍ଟ କେସ୍ ପରେ, ଯେଉଁଥିରେ ଦାଦା ସାହେବଙ୍କର ପ୍ରଚୁର ଧନ ବ୍ୟୟ ହୋଇଥିଲା, କେବଳ କାଦିୟାନ୍ ଏବଂ ଏହା ମଧ୍ୟରେ ଅନ୍ତର୍ଭୁକ୍ତ ଦୁଇଟି ଗ୍ରାମ ଉପରେ ମାଲିକାନା ଅଧିକାର ଏବଂ କାଦିୟାନ୍ ନିକଟସ୍ଥ ତିନୋଟି ଗ୍ରାମ ଉପରେ 'ତାଲୁକ୍‌ଦାରୀ' (ତହସିଲ୍‌ଦାରୀ/ଜମିଦାରୀ) ଅଧିକାର ଆମ ପରିବାର ପାଇଁ ସ୍ୱୀକାର କରାଗଲା । ଏହି ଅଧିକାର ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି । ହଁ, ମଝିରେ ନିଜର ହିଁ କେତେକ ସମ୍ପର୍କୀୟଙ୍କ କୋର୍ଟ କଚେରୀ ମୋକଦ୍ଦମା ଯୋଗୁଁ ଆମ ବଡ଼ା ବାପାଙ୍କ ସମୟରେ କାଦିୟାନ୍ ସମ୍ପତ୍ତିର ଏକ ବିରାଟ ଅଂଶ ମିର୍ଜା ଅଜିମ୍ ବେଗ୍ ଲାହୋରୀଙ୍କ ପରିବାର ପାଖକୁ ଚାଲିଯାଇଥିଲା। ପ୍ରାୟ 35 ବର୍ଷ ପର୍ଯ୍ୟନ୍ତ ସେହି ପରିବାର ପାଖରେ ରହିଲା । କିନ୍ତୁ ଏବେ ନିକଟରେ ସେହି ଅଂଶ ମଧ୍ୟ ଈଶ୍ୱରଙ୍କ କୃପାରୁ ଆମକୁ ଫେରସ୍ତ ମିଳିଯାଇଛି ।

ମାତାଶ୍ରୀ କହୁଥିଲେ ଯେ, ଯେତେବେଳେ ତୁମ ବଡ଼ାବାପାଙ୍କ ସମୟରେ କାଦିୟାନ୍ ସମ୍ପତ୍ତିର ଏକ ବଡ଼ ଅଂଶ ଯେତେବେଳେ ମିର୍ଜା ଅଜୀମ୍ ବେଗଙ୍କ ପାଖକୁ ଚାଲିଗଲା ସେତେବେଳେ ତୁମ ବଡ଼ବାପାଙ୍କୁ ଗଭୀର ଆଘାତ ଲାଗିଲା, ସେହି ଆଘାତ୍ ଯୋଗୁଁ ସେ ଅସୁସ୍ଥ ହୋଇପଡ଼ିଲେ ଏବଂ ପ୍ରାୟ ଦୁଇ ବର୍ଷ ପରେ ସେହି ଅସୁସ୍ଥତା ଯୋଗୁଁ ହିଁ ପ୍ରାଣତ୍ୟାଗ କଲେ । କିନ୍ତୁ କୋର୍ଟର ରାୟ (ଡିଗ୍ରୀ) ଆମ ବିପକ୍ଷରେ ଆସିବା ସତ୍ତ୍ୱେ ସେ ନିଜ ଜୀବନକାଳ ମଧ୍ୟରେ ବିପକ୍ଷ ଦଳକୁ ଦଖଲ କରିବାକୁ ଦେଇ ନଥିଲେ ।

ବିନୀତ କହି ଦେଉଛି ଯେ, ଏହା ସେହି ମାମଲା ଏବଂ ସେହି ରାୟ ଅଟେ ଯାହାର ଉଲ୍ଲେଖ ହଜରତ୍ ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକକରେ କରିଛନ୍ତି ଯେ, ଆପଣ ଅ.ସ ନିଜ ଭାଇଙ୍କୁ ଅଟକାଇଥିଲେ ଯେ ମୋକଦ୍ଦମା ନ ଲଢ଼ିବାକୁ ଏବଂ ସତ୍ୟକୁ ସ୍ୱୀକାର କରିନେବାକୁ କହିଥିଲେ । କାରଣ ଅଲ୍ଲାଃତାଲା ଆପଣଙ୍କୁ ଜଣାଇ ଦେଇଥିଲେ ଯେ ମାମଲାର ପରିଣାମ ଓଲଟା ହେବ । କିନ୍ତୁ ହଜରତ୍ ସାହେବ ଅ.ସ କହୁଥିଲେ ଯେ, ଭାଇ ସାହେବ ଅସାମର୍ଥ୍ୟତା ପ୍ରକାଶ କଲେ ଏବଂ ମାନିଲେ ନାହିଁ । ପରେ ଯେତେବେଳେ ରାୟ ବିପକ୍ଷରେ ଆସିବାର ଖବର ଆସିଲା, ସେତେବେଳେ ହୁଜର୍ ଅ.ସ ସାହେବ ନିଜ କୋଠରୀରେ ଥିଲେ । ବଡ଼ବାପା ବାହାରୁ କମ୍ପିତ ଅବସ୍ଥାରେ ଡିଗ୍ରୀର କାଗଜ ହାତରେ ଧରି ଭିତରକୁ ଆସିଲେ ଏବଂ ହୁଜୁର ଅ.ସଙ୍କ ସାମ୍ନାରେ ସେହି କାଗଜ ପକାଇ ଦେଇ କହିଲେ 'ନିଅ ଗୁଲାମ୍ ଅହମଦ୍ ! ତୁମେ ଯାହା କହୁଥିଲ, ତାହା ହିଁ ହେଲା ।' ତା'ପରେ ସେ ଅଚେତ୍ ହୋଇ ପଡ଼ିଗଲେ । ମାତାଶ୍ରୀ କହୁଥିଲେ ଯେ, ପରେ ବଡ଼ବାପାଙ୍କ ମୃତ୍ୟୁ ପରେ ହଜରତ ସାହେବ ମିର୍ଜା ସୁଲତାନ୍ ଅହମ୍ମଦ ସାହେବଙ୍କୁ ଡାକି କହିଲେ ଯେ, ଦଖଲ ଦେଇଦିଅ ।

ସେହିପରି ମିର୍ଜା ସୁଲତାନ୍ ଅହମ୍ମଦ ସାହେବ କୋର୍ଟ ରାୟ ଅନୁସାରେ ଦଖଲ ଦେଇଦେଲେ ଏବଂ ସମ୍ପତ୍ତିର କିଛି ଅଂଶ ଶସ୍ତା ଦରରେ ବିକ୍ରି କରି ଖର୍ଚ୍ଚ ଟଙ୍କା ମଧ୍ୟ ପରିଶୋଧ କରିଦେଲେ। (ଉକ୍ତ ବିବରଣୀରେ ବୀନୀତ ପକ୍ଷରୁ ଯେଉଁ ବାକ୍ୟଟି ଲେଖାଯାଇଛି ଯେ 'କାଦିୟାନ୍ ଏବଂ ଏହା ମଧ୍ୟରେ ଅନ୍ତର୍ଭୁକ୍ତ ଦୁଇଟି ଗ୍ରାମ ଉପରେ ମାଲିକାନା ଅଧିକାର... ସ୍ୱୀକାର କରାଗଲା', ଏହା ସଠିକ୍ ନୁହେଁ, ବରଂ ଲେଖିବାରେ ଭୁଲ୍ ଯୋଗୁଁ (ଭୁଲ୍ ବଶତଃ) ଏହି ଶବ୍ଦଗୁଡ଼ିକ ଲେଖି ହୋଇଯାଇଛି । କାରଣ ସତ୍ୟ କଥା ହେଉଛି କାଦିୟାନ୍‌ର ଅନ୍ତର୍ଭୁକ୍ତ ଦୁଇଟି ଗ୍ରାମ ଯାହାର ନାମ କାଦିରାବାଦ୍ ଏବଂ ଅହମଦାବାଦ୍ । ଏହି ଦୁଇଟିଯାକ ଗ୍ରାମ ଜେଜେ ବାପା (ଦାଦା ସାହେବ) ଇଂରେଜ ଶାସନ ପ୍ରତିଷ୍ଠା ହେବା ପରେ ବସତି ସ୍ଥାପନ କରାଇଥିଲେ । ସେଇଥିପାଇଁ ଏହା ମଧ୍ୟରେ ଅନ୍ତର୍ଭୁକ୍ତ ଦୁଇଟି ଗ୍ରାମ' ଶବ୍ଦଗୁଡ଼ିକୁ ବାଦ୍ ଓ ଉହ୍ୟ ବୋଲି ମନେକରିନେବା ଉଚିତ୍ ଓ ଏପରି ଧରି ନିଆଯିବା ଉଚିତ୍) ।"

(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan